ବର୍ଷ-୧୩, ସଂଖ୍ୟା-୭୪
କେନ୍ଦ୍ରାପଡ଼ା
ଜୁନ୍ ୧୪, ୨୦୨୫, ଶନିବାର
ପୃଷ୍ଠା-୦୮, ମୂଲ୍ୟ-ଟ ୩.୦୦

Vol.-13, Issue No.74
Kendrapara
June 14 2025, Saturday
Page-08, Rs.3.00

ସାଧାରଣ ଜନତାର ସ୍ୱର
# ସ୍ୱାଧିକାର
Swadhikar Odia Daily

RNI Regd. No. ODIODI/2013/49749 Postal Regd. No. CK(N)/19/2023-25
Website : www.swadhikar.in E-mail : swadhikar.news@gmail.com




# ଘଟଣାସ୍ଥଳରୁ ମିଳିଲା ବ୍ଲାକ୍ ବକ୍ସ

ଅହମ୍ମଦାବାଦ, ୧୩।୬(ଏଜେନ୍ସି): ଅହମ୍ମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣାର ତଦନ୍ତ ଜାରି ରହିଛି। ଫରେନସିକ୍ ବିଶେଷଜ୍ଞମାନେ ଆଜି ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ପରୀକ୍ଷାନିରୀକ୍ଷା କରିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘଟଣାସ୍ଥଳରୁ ଏକ ବ୍ଲାକ

## ସବୁ ବୋଇଂ ୮୭୮ ବିମାନର ସୁରକ୍ଷା ଯାଞ୍ଚ ହେବ

ବକ୍ସ ଉଦ୍ଧାର କରାଯାଇଛି। ଅନୁସନ୍ଧାନକାରୀମାନେ ଦୁର୍ଘଟଣା ସ୍ଥଳରୁ ଡିଜିଟାଲ୍ ଫ୍ଲାଇଟ୍ ଡାଟା ରେକର୍ଡର୍ ମଧ୍ୟ ଉଦ୍ଧାର କରିଛନ୍ତି। ଏହା ପୂର୍ବରୁ, ଗୁଜରାଟ ଆତଙ୍କବାଦ ବିରୋଧୀ ସ୍କ୍ୱାର୍ଡ (ଏଟିଏସ୍) ସେହି ସ୍ଥାନରୁ ଏକ ଡିଜିଟାଲ୍ ଭଏସ୍ ରେକର୍ଡର୍ ଉଦ୍ଧାର କରିଥିଲା। ସେହିପରି ଭୟଙ୍କର ବିମାନ ଦୁର୍ଘଟଣା ପରେ ବେସାମରିକ ବିମାନଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ଙ୍କ ପକ୍ଷରୁ ବୋଇଂ ୭୮୭-୮/୯ ବିମାନର ସୁରକ୍ଷା ଯାଞ୍ଚ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଜାରି କରିଛି।

ଦୁର୍ଘଟଣାର ସଠିକ୍ କାରଣ ଜଣାପଡିନାହିଁ, କାରଣ ଫରେନସିକ୍ ବିଶ୍ଳେଷଣ ଏବଂ ଅଧିକ ବୈଷୟିକ ପରୀକ୍ଷାକୁ ଅପେକ୍ଷା କରାଯାଇଛି। ଏହି ଦୁଃଖଦ ଘଟଣା ପରେ, ଆଖପାଖ ଅଞ୍ଚଳର ଅନେକ ସ୍ଥାନୀୟ ବାସିନ୍ଦା ନିଖୋଜ ଥିବା ସୂଚନା ମିଳିଛି। ବର୍ତ୍ତମାନ ସେମାନଙ୍କୁ ଖୋଜିବା



ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି।ଏହି ଘଟଣାରେ ମେଘନା ନଗର ପୋଲିସ ଷ୍ଟେସନରେ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ଏତଲା ପଞ୍ଜିକୃତ ହୋଇଛି। ଇତି ମଧ୍ୟରେ ମୃତକଙ୍କ ପରିବାରକୁ ୭ରୁ ଅଧିକ ମୃତଦେହ ହସ୍ତାନ୍ତର କରାଯାଇଥିବା ବେଳେ ଚିହ୍ନଟରେ ସହାୟତା କରିବା ପାଇଁ ୨୦୦ରୁ ଅଧିକ ଡିଏନଏ ନମୁନା ସଂଗ୍ରହ କରାଯାଇଛି।

ଭୟଙ୍କର ବିମାନ ଦୁର୍ଘଟଣା ପରେ ବେସାମରିକ ବିମାନଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ଙ୍କ ପକ୍ଷରୁ ବୋଇଂ ୭୮୭-୮/୯ ବିମାନର ସୁରକ୍ଷା ଯାଞ୍ଚ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଜାରି କରିଛି। ଏହି ନୂତନ ନିର୍ଦ୍ଦେଶ ୧୫ ଜୁନ୍ ୨୦୨୫ ରାତି ୧୨ଟାରୁ କାର୍ଯ୍ୟକାରୀ ହେବ। ଉଡ଼ାଣ ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଯାଞ୍ଚ ପାଇଁ ଡିଜିସିଏ ନିର୍ଦ୍ଦେଶ ଦେଇଛି।

ଡିଜିସିଏ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ଉଡ଼ାଣ ପୂର୍ବରୁ ଇନ୍ଧନ ପାରାମିଟର ମନିଟରିଂ ଏବଂ ସମ୍ବନ୍ଧିତ ସିଷ୍ଟମ ଯାଞ୍ଚ କରାଯିବ। ଏହା ବ୍ୟତୀତ, କ୍ୟାବିନ ଏୟାର କମ୍ପ୍ରେସର, ଇଲେକ୍ଟ୍ରୋନିକ୍ ଇଞ୍ଜିନ୍ କଣ୍ଟ୍ରୋଲ ସିଷ୍ଟମ, ଇଞ୍ଜିନ୍ ଫୁଏଲ ଡ୍ରିଭେନ ଆକ୍ଟୁଏଟର, ■ପୃ-୭

## ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ, ୧୩।୬(ଏଜେନ୍ସି): ଜୁନ ୧୨ ତାରିଖ ଅପରାହ୍ନରେ ଅହମଦାବାଦରେ ଏୟାର ଇଣ୍ଡିଆର ଏଆଇ ବିମାନ ୧୭୧ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୪୧ ଜଣଙ୍କ ମୃତ୍ୟୁ ହୋଇଥିବାର ଦୁଃଖର ଖବର ସାମ୍ନାକୁ ଆସିଥିବା ବେଳେ ଶୁକ୍ରବାର ୧୫୬ଜଣ ଏୟାର ଇଣ୍ଡିଆ ବିମାନ ଯାତ୍ରୀଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି। ଥାଇଲ୍ୟାଣ୍ଡର ଫୁକେଟରେ ଏୟାର ଇଣ୍ଡିଆର ବିମାନ ଏଆଇ ୩୭୯ ବିମାନକୁ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି। ଜୁନ ୧୩ ତାରିଖରେ ଏହି ବିମାନଟି ଫୁକେଟରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ଏଥିରେ ବୋମା ଧମକ ମିଳିଥିଲା। ତେଣୁ ପାଇଲଟ କିଛି ଦୁର୍ଘଟଣାର ସାମ୍ନା କରିବା ପୂର୍ବରୁ ହିଁ ଏହାକୁ ଜରୁରୀକାଳୀନ ଅବତରଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଆଇ ୩୭୯ ବିମାନ ଆଣ୍ଡାମାନ ସାଗର ଚାରିପାଖରେ କିଛି ସମୟ ଘୂରି ବୁଲିବା ପରେ ବିମାନଟି ଫେରି ଆସି ଜରୁରୀକାଳୀନ ଅବତରଣ କରିଥିଲା। ବୋମା ଧମକକୁ ଏପର୍ଯ୍ୟନ୍ତ ଏଓଟି ଦ୍ୱାରା ନିଶ୍ଚିତ କରାଯାଇ ନାହିଁ। ଫୁକେଟ ବିମାନବନ୍ଦରର ଜଣେ ଅଧିକାରୀ କହିଛନ୍ତି ଯେ ଜରୁରୀକାଳୀନ ଅବତରଣ ପରେ, ଯାତ୍ରୀମାନଙ୍କୁ ବିମାନରୁ ବାହାର କରାଯାଉଛି ଏବଂ ସମସ୍ତେ ସୁରକ୍ଷିତ ଅଛନ୍ତି ଯାତ୍ରାରେ ବିଳମ୍ବ ହେତୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ୩୮୭୮ କୋଟିର ୧୭ ପ୍ରକଳ୍ପକୁ ମଞ୍ଜୁରୀ



ଭୁବନେଶ୍ୱର, ୧୩।୬(ସ୍ୱାଧିକାରନ୍ୟୁଜ): ରାଜ୍ୟ ସରକାର ସିଙ୍ଗିଲ ଓ୍ୱିଣ୍ଡୋ କ୍ଲିୟରାନ୍ସ ବୈଠକରେ ୧୭ଟି ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟରେ ୩୮୭୮.୮୬ କୋଟିର ପୁଞ୍ଜି ନିବେଶକୁ ମଞ୍ଜୁରୀ ମିଳିଛି। ୧୧ଟି ଜିଲ୍ଲାରେ ୧୭ଟି ପ୍ରକଳ୍ପ ନିର୍ମାଣ ହେବ। ଫଳରେ ୧୦ ହଜାର ୫୮୪ ନିଯୁକ୍ତି ସୃଷ୍ଟି ହେବ। ପ୍ଲାଷ୍ଟିକ, ଟେକ୍ସଟାଇଲ, ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ନିବେଶ ହେବ।

### ୧୦ ହଜାର ୫୮୪ ନିଯୁକ୍ତି ସୃଷ୍ଟି

ପ୍ଲାଷ୍ଟିକ କ୍ଷେତ୍ରରେ ୬ଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଯେଉଁଥିରେ ଖୋର୍ଦ୍ଧାରେ ୬୫୦.୨୩ କୋଟି ଟଙ୍କା ବ୍ୟୟରେ ରିସାଇକ୍ଲିଂ ଫ୍ଲେକସ୍ ଆଣ୍ଡ ପେଲେଟ୍ ତିଆରି କାରଖାନା ରହିଛି। ଏହାଦ୍ୱାରା ୬୦୦ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ସେହିପରି ଖୋର୍ଦ୍ଧାରେ ଏମଏଏସ୍ ଇଣ୍ଡିଆ କ୍ଲୋଥିଂ ପ୍ରାଇଭେଟ୍ ଲିମିଟେଡ୍, ଟେକ୍ସଟାଇଲ୍ ପ୍ରୋସେସିଂ ମିଲ୍ ପାଇଁ ୮୮୫ କୋଟି ଟଙ୍କା ନିବେଶ କରିବ ଓ ୧୭୦୦ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଭୁବନେଶ୍ୱର ଲଗିପାର୍କ ପ୍ରାଇଭେଟ୍ ଲିମିଟେଡ ୨୧୮.୮୦ କୋଟି ଟଙ୍କା ବ୍ୟୟରେ ଲଜିଷ୍ଟିକସ ପାର୍କ ନିର୍ମାଣ କରିବ ଓ ଏଥିରେ ୨୭୦୦ ନୂଆ ନିଯୁକ୍ତିର ସମ୍ଭାବନା ■ପୃ-୭

# ରଜରେ ଝଡ଼ବର୍ଷା

ଭୁବନେଶ୍ୱର, ୧୩।୬(ସ୍ୱାଧିକାରନ୍ୟୁଜ): ରଜ ୩ଦିନରେ ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ସମ୍ଭାବନା ରହିଛି। ସମସ୍ତ ୩୦ ଜିଲାର କିଛି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ସହ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ଓ୍ୱାର୍ନିଂ ଜାରି କରାଯାଇଛି। ୧୬ ତାରିଖଠାରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ସହ ୧୯ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହାସହ ୧୬ ତାରିଖ ସୁଦ୍ଧା ଦିନ ତାପମାତ୍ରା ପ୍ରାୟ ୨ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ ଶୁକ୍ରବାର ସମ୍ବଲପୁରରେ ଦିନ ତାପମାତ୍ରା ସର୍ବାଧିକ ୪୦.୪ ଡିଗ୍ରୀ ସେଲସିୟସ୍ ଓ ଦାରିଙ୍ଗିବାଡିରେ ସର୍ବନିମ୍ନ ୧୮ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି। କେନ୍ଦୁଝରରେ ■ପୃ-୭

## ସରକାରୀ ସାର୍ଟିଫିକେଟ ପାଇଁ ଆଧାର ବାଧ୍ୟତାମୂଳକ

ଭୁବନେଶ୍ୱର, ୧୪।୬(ସ୍ୱାଧିକାରନ୍ୟୁଜ): ଏଣିକି ବିଭିନ୍ନ ପ୍ରକାରର ସରକାରୀ ସାର୍ଟିଫିକେଟ୍ ପାଇଁ ଆଧାର ବାଧ୍ୟତାମୂଳକ। ଶୁକ୍ରବାର ରାଜସ୍ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ଜାତି, ଆୟ, ଆଇନଗତ ଉତ୍ତରାଧିକାରୀ, ଜମିଜମା ରେକର୍ଡ ଓ ରେଜିଷ୍ଟ୍ରେସନ ନିମନ୍ତେ ଆଧାର ନମ୍ବର ଦେବା ଅବା ଆଧାର ସତ୍ୟପାଠ କରିବା ବାଧ୍ୟତାମୂଳକ ହେବ। ଏହାଛଡା ସରକାରଙ୍କ ବିଭିନ୍ନ ଯୋଜନାରେ ସବସିଡି ଓ ଡିବିଟି ସୁବିଧାର ହିତାଧିକାରୀଙ୍କ ପାଇଁ ମଧ୍ୟ ଆଧାର ନମ୍ବରକୁ ବାଧ୍ୟତାମୂଳକ କରାଯାଇଛି।ସରକାରୀ ସେବା ପ୍ରକ୍ରିୟାକୁ ସରଳ, ପାରଦର୍ଶୀ ଓ ବ୍ୟାପକ କରିବା ନିମନ୍ତେ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶ ଉଦଘାଟିତ

# ଶ୍ରେଷ୍ଠ ଶକ୍ତି କରି ଗଢିତୋଳିବା ଏକମାତ୍ର ଉଦ୍ଦେଶ୍ୟ

ଭୁବନେଶ୍ୱର, ୧୩।୬(ସ୍ୱାଧିକାରନ୍ୟୁଜ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କଟକର ବାଲିଯାତ୍ରା ପଡ଼ିଆ। ଠାରେ ଆଜି ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶ ଆୟୋଜିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଛନ୍ତି ଯେ, ନାରୀଙ୍କୁ ସମ୍ମାନ ପ୍ରଦାନ କରିବା ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା ଏହି ସମାବେଶର ଏକମାତ୍ର ଉଦ୍ଦେଶ୍ୟ ହେଉଛି, ଓଡିଶାର ନାରୀ ଶକ୍ତିକୁ ଆମର ସବୁଠାରୁ ଶ୍ରେଷ୍ଠ ଶକ୍ତି କରି ଗଢିତୋଳିବା।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାର ଏକ ବର୍ଷ ପୂରଣ ପରେ ଦ୍ୱିତୀୟ ବର୍ଷର ପ୍ରଥମ କାର୍ଯ୍ୟକ୍ରମ ହେଉଛି, ଆମର ଏହି ନାରୀ ଶକ୍ତି ସମାବେଶ କାରଣ, ଆମେ ବିଶ୍ୱାସ କରୁ ଯେ ଯେତେ ପର୍ଯ୍ୟନ୍ତ ରାଜ୍ୟର ଅଧା ଜନସଂଖ୍ୟାର ବିକାଶ ହୋଇ ନାହିଁ, ରାଜ୍ୟ କେବେ ବି ବିକଶିତ ହୋଇ ପାରିବ ନାହିଁ ଐତିହାସିକ ସହର କଟକଠାରେ ଏହିକାର୍ଯ୍ୟକ୍ରମର ଶୁଭାରମ୍ଭ ଓଡିଶାର ମାଆ ଓ ଭଉଣୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିବ ବୋଲି ମୁଁ ଦୃଢ ନିଶ୍ଚିତ। ନାରୀମାନଙ୍କ ସଶକ୍ତିକରଣ ପାଇଁ ଆମର ସବୁଠୁ ଯୁଗାନ୍ତକାରୀ




ଯୋଜନା ହେଉଛି ସୁଭଦ୍ରା ଯୋଜନା ସୁଭଦ୍ରା ଯୋଜନା ହେଉଛି ଓଡିଶାର ଇତିହାସରେ ସବୁଠାରୁ ବଡ ମହିଳା କଲ୍ୟାଣ କାର୍ଯ୍ୟକ୍ରମ କେବଳ ମହିଳା ନୁହେଁ ଏତେ ବୃହତ ସାମାଜିକ କଲ୍ୟାଣକାରୀ ଯୋଜନା ପୂର୍ବରୁ କରାଯାଇ ନ ଥିଲା ଆମ ସରକାର ଓଡିଶାର ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପରିବାର ସହିତ ସଂଯୋଗ କରି ତଥ୍ୟ ସଂଗ୍ରହ କରିଛନ୍ତି ଘରକୁ ଘର ବୁଲି, ଆମେ ଅଧିଂକାଶ ପରିବାର ସହିତ ଯୋଗାଯୋଗ କରିଛୁ ବିଶେଷ କରି ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେଉଁଠାରେ ମା ମାନେ ଏତେ ସଚେତନ ନୁହନ୍ତି, ସେଠାରୁ ତଥ୍ୟ ଅଣାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡାଯାଇଛି ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଥିଲେ ଯେ, ଓଡିଶାର ବିଭିନ୍ନ ଅଞ୍ଚଳରେ ଅନେକ ମା'ମାନେ ସୁଭଦ୍ରା ସହାୟତାକୁ ଏକାଠି କରି ବିଭିନ୍ନ ପ୍ରକାର ଅର୍ଥନୈତିକ କାରବାର, ମିଳିତ କୃଷି କାର୍ଯ୍ୟ କରି ନିଜ ପରିବାରପାଇଁ ଭଲ ରୋଜଗାର କରୁଛନ୍ତି ଏହି ସୁଭଦ୍ରା ସହାୟତା ହେଉଛି ମାଆ। ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାର ଏକ ଲମ୍ବା ଯାତ୍ରା। ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀ ଲକ୍ଷପତି ଦିଦି ଯୋଜନାର ପରିକଳ୍ପନା କରିଥିଲେ। ଏହା ଆମ ରାଜ୍ୟ ପାଇଁ, ବିଶେଷ ଭାବେ ଆମ ରାଜ୍ୟର ମା'ମାନଙ୍କ ପାଇଁ ଖୁସିର ବିଷୟ ଯେ ଓଡ଼ିଶା ବର୍ତ୍ତମାନ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସମଗ୍ର ଭାରତରେ ପ୍ରଥମ ସ୍ଥାନରେ ଅଛି। ଆମେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିଛୁ।

ସେ ପୁଣି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟର ସମସ୍ତ ସରକାରୀ ବିଭାଗ ମିଳିତ ଭାବରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୩,୬୯୫ କୋଟି ଟଙ୍କାର ବ୍ୟବସାୟିକ ସୁଯୋଗ ପ୍ରଦାନ କରିଛନ୍ତି। ଏହା ଆମ ରାଜ୍ୟର ଇତିହାସରେ ସର୍ବକାଳୀନ ରେକର୍ଡ ୩.୦୭ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୩୦୦ କୋଟି ଟଙ୍କାର ■ପୃ-୭

## ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ଓ ଗୃହରକ୍ଷୀଙ୍କ ଭତ୍ତା ବୃଦ୍ଧି

ଭୁବନେଶ୍ୱର, ୧୩।୬(ସ୍ୱାଧିକାରନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କ ଦୈନିକ ଭତ୍ତା ଓ ଗୃହରକ୍ଷୀମାନଙ୍କ ଡ୍ୟୁଟି କଲ୍-ଅପ୍ ଭତ୍ତା ବୃଦ୍ଧି ପରିମାଣ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କର ଦୈନିକ ଡ୍ୟୁଟି ଭତ୍ତା ପରିମାଣ ୩୧ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି ହୋଇଥିବା ବେଳେ ଦୈନିକ ଟ୍ରେନିଙ୍ଗ ଭତ୍ତା ପରିମାଣ ୨୮ ଟଙ୍କାରୁ ୧୪୦ ଟଙ୍କାକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ମେ ପହିଲାଠାରୁ ଲାଗୁ ହେବ। ଓଡିଶାରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ୭୦୦ରୁ କମ୍ ଅଛି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ସେହିପରି ଗୃହରକ୍ଷୀମାନଙ୍କ ଡ୍ୟୁଟି କଲ୍-ଅପ୍ ଭତ୍ତା ବୃଦ୍ଧି କରିବା ପାଇଁ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ଦୈନିକ ଡ୍ୟୁଟି କଲ୍-ଅପ୍ ଭତ୍ତା ୬୧୨ ଟଙ୍କାରୁ ୬୨୩ ଟଙ୍କାକୁ ବୃଦ୍ଧି ପାଇଛି। ■ପୃ-୭

# ଯାଜପୁରରେ ୮ କଲେରା ଆକ୍ରାନ୍ତ ଚିହ୍ନଟ

## ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ୭୦୦ ଅତିକ୍ରମ, ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି

ଯାଜପୁର, ୧୩।୬(ସ୍ୱାଧିକାରନ୍ୟୁଜ): ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ରୋଗ ଅଣାୟତ୍ତ ହେବା ସହ ଏହା ମଧ୍ୟରେ କଲେରା ଆକ୍ରାନ୍ତଙ୍କ ସଂଖ୍ୟା ଚିନ୍ତାଜନକ ଭାବେ ବଢ଼ିଛି। ସଦ୍ୟତମ ରିପୋର୍ଟ ଅନୁଯାୟୀ, ୪୧ଟି ନମୁନା ପରୀକ୍ଷଣ ପରେ ୮ ଜଣଙ୍କ ରିପୋର୍ଟ କଲେରା ପଜିଟିଭ୍ ଚିହ୍ନଟ ହୋଇଛି। ଏହା ସହ ଜିଲ୍ଲାର ଚାରୋଟି ବ୍ଲକ ଓ ଦୁଇଟି ପୌରାଞ୍ଚଳରେ ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ୭୦୦ ଅତିକ୍ରମ କରିଛି।



ଓଡ଼ିଶା ସରକାର ବର୍ଷାକାଳୀନ ରୋଗ ଯେପରିକି ହଇଜା, ଡାଇରିଆ, ଜଣ୍ଡିସ୍, ମ୍ୟାଲେରିଆ। ଏବଂ ଡେଙ୍ଗୁକୁ ରୋକିବା ଏବଂ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ତ୍ୱରାନ୍ୱିତ କରିଛନ୍ତି।ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଅଧିକାରୀମାନେ ଜଳବାହିତ ରୋଗର ବୃଦ୍ଧି ପାଉଥିବା ମାମଲାଗୁଡ଼ିକର ମୁକାବିଲା ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ ଯାଜପୁରରେ ସଂଗୃହିତ ୪୧ ଟି ମଳ ନମୁନା ମଧ୍ୟରୁ ୮ ଟି ହଇଜା ପଜିଟିଭ୍ ବୋଲି ନିଶ୍ଚିତ ହୋଇଛି।ତଥାପି, ସେ ଆଶ୍ୱାସନା ଦେଇଛନ୍ତି ଯେ ବ୍ୟାପକ ସଚେତନତା, ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସା ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣରେ ଅଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏହି ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଆପ୍ରାଣ ଚେଷ୍ଟା କରୁଛି। ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ (ସିଡିଏମଓ) କହିଛନ୍ତି ଯେ, ସ୍ଥିତି ଧୀରେ ଧୀରେ ସୁଧୁରୁଛି ଏବଂ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ■ପୃ-୭

### କର୍ମଚାରୀଙ୍କ ଛୁଟି ବାତିଲ

ଯାଜପୁର, ୧୩।୬(ସ୍ୱାଧିକାରନ୍ୟୁଜ): ଯାଜପୁର ଜିଲାରେ ଝାଡ଼ାବାନ୍ତି ଆତଙ୍କୁ ନେଇ ଜିଲାରେ ଛୁଟି ବାତିଲ କରିଯାଇଛି। ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି।୧୪ ତାରିଖ ରୁ ୧୬ ତାରିଖ ଯାଏଁ ଛୁଟି ବାତିଲ ହୋଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି ପୂର୍ବରୁ ଦିଆଯାଇଥିବା ଛୁଟି ମଧ୍ୟ ବାତିଲ ହୋଇଛି ସମସ୍ତ ସରକାରୀ ଅଫିସ ଖୋଲା ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

ଓଡ଼ିଶା ଶାସନ

## ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ପର୍ବ। ଆମ ଓଡ଼ିଆ ସଂସ୍କୃତିର ଏକ ନିଚ୍ଛକ ମହାନ୍ ପର୍ବ। ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ। ଏହି ଅବସରରେ ଚାଷୀକୂଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0697/2526 DADLS-31

ସ୍ୱାଧିକାର
Swadhikar





## ସାଇ ବାଣୀ....

ତୁମେ ମୋ ଆଡକୁ ଦୃଷ୍ଟିପାତ କଲେ ମୁଁ ତୁମ ପ୍ରତି ଦୃଷ୍ଟି ଦେବି ।

## ସଂପାଦକୀୟ......

# ଅବିଶ୍ୱସନୀୟ ଦୁର୍ଘଟଣା

ଗୁରୁବାର ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିବା ଏୟାର ଇଣ୍ଡିଆର ଏକ ବିମାନ (ବୋଇଁ ୭୮୭)ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୪୧ ଜଣ ବିମାନଯାତ୍ରୀଙ୍କ ମୃତ୍ୟୁ ଘଟିଛି । ବିମାନରେ ୨ ପାଇଲଟ ଏବଂ ୧୦ଜଣ କ୍ରିଉ ମେମ୍ବରଙ୍କ ସମେତ ମୋଟ ୨୪୨ଜଣ ଥିଲେ । ସେମାନଙ୍କ ମଧ୍ୟରୁ ମାତ୍ର ଜଣେ ଯାତ୍ରୀ ଅତି ଆଶ୍ଚର୍ଯ୍ୟଜନକ ଭାବେ ବଂଚି ଯାଇଛନ୍ତି । ବିମାନଟି ଉଡ଼ାଣ ଆରମ୍ଭ କରିବାର ମାତ୍ର କେଇ ସେକେଣ୍ଡ ମଧ୍ୟରେ ନିୟନ୍ତ୍ରଣ ହରାଇଥିଲା ଏବଂ ଏହା ଅହମ୍ମଦାବାଦର ଏକ ମେଡିକାଲ କଲେଜ ହଷ୍ଟେଲ କୋଠାରେ ମାଡ଼ ହୋଇଥିଲା । ଏଥିରେ ୫ଜଣ ମେଡିକାଲ ଛାତ୍ର ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି । ଆଖପାଖ ଅଞ୍ଚଳର ଅନ୍ୟ କିଛି ଲୋକ ମଧ୍ୟ ମୃତାହତ ହୋଇଛନ୍ତି । ଏହି ଦୁର୍ଘଟଣାରେ ମୋଟ ଉପରେ ୨୬୫ଜଣଙ୍କର ମୃତ୍ୟୁ ଘଟିଛି ଏବଂ ପାଖାପାଖି ୧୦୦ ଜଣ ଆହତ ହୋଇଛନ୍ତି । ଭାରତ ଇତିହାସରେ ଏହା ଏକ ବିରଳ ବିମାନ ଦୁର୍ଘଟଣା । ଏହି ଛାତିଥରା ଘଟଣାରେ ସାରା ଦେଶ ସ୍ତମ୍ଭୀଭୂତ ହୋଇଯାଇଛି । ବିମାନ ଦୁର୍ଘଟଣାରେ ମୃତକଙ୍କ ମଧ୍ୟରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ । ଅନେକ ଯୁବକ ଯୁବତୀ, ନବବିବାହିତା ବିମାନରେ ଯାତ୍ରା କରୁଥିଲେ । ଅନେକ ସ୍ୱପ୍ନ ସେମାନଙ୍କ ମନରେ ଥିଲା । ସବୁ କିଛି ନିମିଷକ ଭିତରେ ଜଳିଗଲା । ଦୁର୍ଘଟଣା ପୂର୍ବରୁ ପାଇଲଟ କଣ୍ଟ୍ରୋଲ ରୁମକୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସୂଚନା ଦେଇଥିଲେ । ଅର୍ଥାତ ବିମାନ ଉଡ଼ାଣ ଆରମ୍ଭ କରିବା ମାତ୍ରେ ସେ ଯାନ୍ତ୍ରିକ ତ୍ରୁଟି ସମ୍ପର୍କରେ ଜାଣିପାରିଥିଲେ । ଏହା କିପରି କାହିଁକି ହେଲା ତାହା ବୈଷୟିକ ତଦନ୍ତ ପରେ ଜଣାପଡ଼ିବ । ବିମାନଟି ଦିଲ୍ଲୀରୁ ଆସିଥିଲା ଏବଂ ଏକ ଲମ୍ବା ଯାତ୍ରାରେ ଯିବାର ଥିବାରୁ ଇନ୍ଧନ ଭର୍ତ୍ତି କରାଯାଇଥିଲା । ଦୁର୍ଘଟଣା ପରେ ଏହି ଇନ୍ଧନ ଏତେ ଭୟଙ୍କର ଭାବେ ଜଳିଥିଲା ଯେ, କୌଣସି ଯାତ୍ରୀ ବାହାରକୁ ବାହାରିବା ସମ୍ଭବ ନଥିଲା । ଏପରିକି ଉଦ୍ଧାରକାରୀ ଦଳ ମଧ୍ୟ ବିମାନ ନିକଟକୁ ଯିବା ସମ୍ଭବ ହୋଇନଥିଲା । ଏତେ ଦୀର୍ଘ ଯାତ୍ରାରେ ଯେଉଁ ବିମାନ ଯାଉଛି ଏବଂ ୨୦୦ରୁ ଅଧିକ ଲୋକ ଅଛନ୍ତି, ତାହାକୁ ଭଲଭାବେ ଯାଞ୍ଚ କରାଯିବା ନିହାତି ଜରୁରୀ ଥିଲା । ଏଥିପାଇଁ ଯିଏ ଦାୟୀ, ଯିଏ କର୍ତ୍ତବ୍ୟରେ ଅବହେଳା କରିଛି ତାଙ୍କ ବିରୋଧରେ କଠୋର ଦଣ୍ଡବିଧାନ ହେବା ଉଚିତ । ବିମାନରେ ୧୬୯ଜଣ ଭାରତୀୟ, ୫୩ଜଣ ବ୍ରିଟିଶ , ୭ଜଣ ପର୍ତ୍ତୁଗାଲ ଏବଂ ଜଣେ କାନାଡ଼ା ନାଗରିକ ଥିଲେ । ଏହି ଦୁର୍ଘଟଣା ଭାରତରେ ସୁରକ୍ଷିତ ବିମାନ ସେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ । ବୋଇଂର ଯେଉଁ ମଡେଲଟି ଏହି ଦୁର୍ଘଟଣାରେ ନଷ୍ଟ ହୋଇଛି ତାହା ପ୍ରଥମ ଥର ପାଇଁ ଦୁର୍ଘଟଣାଗ୍ରସ୍ତ ହୋଇଛି । ସମ୍ଭବତଃ ଉପଯୁକ୍ତ ରକ୍ଷଣାବେକ୍ଷଣ ବା ନିୟମିତ ଯାଞ୍ଚ ଅଭାବରୁ ଏପରି ଦୁର୍ଘଟଣା ଘଟିଲା । ଏହାକୁ ହାଲୁକା ଭାବେ ନିଆଯିବା ଅନୁଚିତ । ସାରା ବିଶ୍ୱରେ ବିମାନ ସେବା ଯାତ୍ରୀ ପରିବହନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ବିଚେନା କରାଯାଉଛି । ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ବିଶ୍ୱର କୋଣ ଅନୁକୋଣରୁ ବିମାନ ଯାତ୍ରା କରୁଛନ୍ତି । ସେମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବା ନିହାତି ଜରୁରୀ । ଏହା ସହିତ ଦେଶର ଆର୍ଥିକ ବିକାଶ ଓତଃପ୍ରୋତ ଭାବେ ଜଡ଼ିତ । ଏହାକୁ ହାଲୁକା ଭାବେ ଗ୍ରହଣ କରାଯାଇପାରିବ ନାହିଁ । ଭାରତ ସରକାର ଦେଶରେ ବିମାନ ସେବାର ପ୍ରସାର ପାଇଁ ନିୟମିତ ଉଦ୍ୟମ କରୁଛନ୍ତି । କିନ୍ତୁ ବିନା ସୁରକ୍ଷା ବ୍ୟବସ୍ଥାରେ ବିମାନ ସେବା ବିପଜ୍ଜନକ । ତେଣୁ ବିମାନସେବାର ସମ୍ପ୍ରସାରଣ ପୂର୍ବରୁ ଏହାର ସୁରକ୍ଷାକୁ ଗୁରୁତ୍ୱ ଦେଇ ଯୋଜନା କରାଯିବା ଉଚିତ । ବିମାନ ଉଡ଼ାଣ ପୂର୍ବରୁ ଗ୍ରାଉଣ୍ଡରେ ଏହାର ଉତ୍ତ ମଯାଞ୍ଚ ବ୍ୟବସ୍ଥା ସହ ଦକ୍ଷ ପାଇଲଟଙ୍କୁ ଏଥିରେ ନିଯୁକ୍ତି ଦିଆଯିବା ଉଚିତ । ଏୟାର ଇଣ୍ଡିଆର ଯେଉଁ ବିମାନ ଦୁର୍ଘଯଣାଗ୍ରସ୍ତ ହେଲା ତାହାର ପାଇଲଟ ବେଶ ଅଭିଜ୍ଞ ଥିଲେ । କିନ୍ତୁ ବିମାନକୁ ସେ ନିୟନ୍ତ୍ରଣରେ ରଖିପାରିଲେ ନାହିଁ । ଏହାର ବ୍ୟାପକ ଅନୁସନ୍ଧାନ ଏବଂ ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ।

# ରଜ ମଉଜ

**ଯଶସ୍ୱିନୀ ପଟ୍ଟନାୟକ ■**

ରଜ ପର୍ବ କେବଳ ଓଡ଼ିଶାରେ ପାଳିତ ହେଉଥିବାରୁ ଏହାକୁ ଓଡ଼ିଶାର ନିଜପର୍ବ ଓଡ଼ିଆ ପର୍ବ । ପ୍ରତିବର୍ଷ ଆଷାଢ଼ ମାସରେ ପଡୁଥିବା ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି କୁହାଯାଏ । ସଂକ୍ରାନ୍ତିର ପୂର୍ବ ଦିନକୁ ପହିଲି ରଜ ଓ ପର ଦିନକୁ ଭୂମି ଦହନ କୁହାଯାଏ । ଭୂମି ଦହନରେ ଚାଷବାସ ବା ମାଟି ହାଣିବା କାର୍ଯ୍ୟ କରାଯାଏ ନାହିଁ । ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜ ପର୍ବ ପାଳନ ଶେଷ ହୁଏ । ରଜ କୃଷି ସହ ସଂପର୍କିତ ପର୍ବ । ଏହି ମାସରେ ମାଟି ସହ ମେଘର ମିଳନ ହୁଏ । ତା ପରେ ଆସିଥାଏ ଚାଷ ଋତୁ । କାମ ଆରମ୍ଭ ପୂର୍ବରୁ ବିଶ୍ରାମ ନେବା ପାଇଁ ଏବଂ ଦେବା ପାଇଁ ସମ୍ଭବତଃ ଏହି ପର୍ବର ସୃଷ୍ଟି । ଆଷାଢ଼ ମାସରେ ବର୍ଷାପାଣି ପଡ଼ିଲେ ଭୂଇଁ ଉତ୍ପାଦନକ୍ଷମ ହୁଏ । କୁଆଁରୀ କନ୍ୟାମାନଙ୍କ ଠାରୁ ଆରମ୍ଭ କରି ସମସ୍ତ ଝିଅ, ଯୁବତୀ ଓ ମହିଳା ରଜ ତିନି ଦିନ ଗୃହ କାର୍ଯ୍ୟ ନ କରିବା ହେଉଛି ଖାଣ୍ଟି ଓଡ଼ିଆ ପରମ୍ପରା ।



ସରଳ ପଲ୍ଲୀବାଳା ଓଠରେ ଉକୁଟି ଉଠିଛି ପାନଖିଆ ଖିଲି ଖିଲି ହସ । ଅଳତା-ହଳଦୀମଖା ବୋହୂଟି ଗହଣାରେ ସଜବାଜ ହୋଇ ଦୋଳିରେ ଝୁଲିବା ଆରମ୍ଭ ହୋଇଯାଇଛି । କୁଙ୍କୁମ, ଚନ୍ଦନ ବେଶରେ କୁଆଁରୀ ଏ ଡାଳ ଦୋହଲାଇ ଦୋଳି ବାହି ଗୀତ ଆରମ୍ଭ କରି ଦେଇଛନ୍ତି – 'ବନସ୍ତେ ଡାକିଲା ଗଜ / ବରଷକେ ଥରେ ଆସିଛି ରଜ ଲୋ / ଘେନି ନୂଆ ସଜବାଜ ।' ଆରମ୍ଭ ହୋଇଯାଇଛି ରୂପସଜ୍ଜା, ଆନନ୍ଦ-ଆହ୍ଲାଦ ଓ ଦୋଳିର ପର୍ବ । ଜରାଗ୍ରସ୍ତ ଧରିତ୍ରୀର ତନିମାରେ ରଜ ଜଗାଇବ ପୂର୍ଣ୍ଣ ଯୌବନର ଦୀପ୍ତି । ମାଟି, ମୌସୁମୀ ଓ ମଣିଷର ମିଳନ ପର୍ବରେ ଶସ୍ୟଗର୍ଭା ପୃଥିବୀର ମାତୃତ୍ୱର ସଫଳତା କାମନା କରି ସୃଷ୍ଟିର ଜୟଗୀତି ଗାନ କରିବ କୃଷକ । ଶରୀର ପାଇଁ ବିଶ୍ରାମ, ମନ ପାଇଁ ଆନନ୍ଦ ଏବଂ ପୃଥିବୀ ଶସ୍ୟଶାମଳା ହେବା ପାଇଁ ପ୍ରାର୍ଥନା କରିବ ମଣିଷ ।

ରଜ ଆସିଛି ଆଜି ଗାଁ ଆଉ ସହରରେ । ଦୋଳିରେ ଦୋଳିରେ ରଜଗୀତର ସୁଅ ଛୁଟିଆସୁଛି । ପୋଡପିଠା, ବାଗୁଡ଼ିଖେଳ, ତାସ୍, ପୁଚିଖେଳ ଆଉ ରଙ୍ଗ ବେରଙ୍ଗର ପୋଷାକରେ ସଜେଇ ହୋଇ ରଜ ପାଳିବାରେ ମଜି ଯାଇଛନ୍ତି ସମସ୍ତେ । ଉନ୍ମନା କୁଆଁରୀ ଝିଅର ପାଦରେ ଅଳତା, ମଥାରେ ବିନ୍ଦି, ଶାଢ଼ୀ ଆଉ ସଜବାଜରେ ସେ ବି ରଜର ଖୁସି ମନଉଛି । ଋତୁମତୀ ଧରାର ସଙ୍କେତ ବହନ କରି କୁଆଁରୀ ପାଦ ଆଉ ମାଟି ଛଉଁନି । ସବୁ ପର୍ବଠୁ ନିଆରା ରଜ । ଖାସ୍ ଏଇଥିପାଇଁ ଯେ ଏହା ଖାସ୍ ଓଡ଼ିଶାର ନିଜସ୍ୱ ଆଉ ମାଟି ମାଆର ପୂଜାରେ ଏହାର ପରମ୍ପରା କାହିଁ କେଉଁ କାଳର ।

କୁହାଯାଏ, ପୃଥିବୀର ପ୍ରଥମ ଧାନଚାଷ ଓଡ଼ିଶାରେ ହୋଇଥିଲା । ଆଉ ଓଡ଼ିଶାରେ ହିଁ ରଜ, ଅକ୍ଷୟ ତୃତୀୟା ଭଳି କୃଷିଭିତ୍ତିକ ପର୍ବ ଏଠାରେ ସଂସ୍କୃତି ସହ ଜଡ଼ିତ ହୋଇପାରିଛି । ଖରା ଚାଲିଯାଇଛି । ମୌସୁମୀ ଆସିଗଲାଣି । ଏବେ ଖାଲି ବର୍ଷା ଆଉ ବର୍ଷା । ପୃଥିବୀ ତିନ୍ତିଛି ପ୍ରଥମ ବର୍ଷାର ସ୍ପର୍ଶରେ । ଆର୍ଦ୍ର ହୋଇଛି ମାଟି । ମାଟିର ଗନ୍ଧ ମହକେଇ ଦେଉଛି ଦୁନିଆ । ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବ । ହେଲେ ପୃଥିବୀ ଏବେ ଋତୁମତୀ । ରଜସ୍ୱଳା ନାରୀ ପରି ତାର ପାଇଁ ଏଇ ପାଞ୍ଚଦିନ ବିଶ୍ରାମର ବେଳ । ଭୂଇଁରେ କର୍ଷଣ ମନା । ଏଇ କିଛିଦିନ ସମସ୍ତଙ୍କ ପାଇଁ ମଉଜ ଆଉ ଫୁରସତ୍‌ର ବେଳ । ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ସୃଷ୍ଟି । ଓଡ଼ିଶାର ଜାତୀୟ ପର୍ବ ରଜସବୁଜିମାରେ ଯାହାର ସୌନ୍ଦର୍ଯ୍ୟ ଅକଳ୍ପନୀୟ । ମାଟିକୁ ମା' ରୂପରେ ଦେଖିବାର ସଙ୍କେତ ବହନ କରୁଥିବା ଏହି ରଜରେ କେହି ନାରୀ କାହାକୁ ପ୍ରଣାମ କରନ୍ତି ନାହିଁ କି ଆଶୀର୍ବାଦ ଦିଅନ୍ତି ନାହିଁ । କାରଣ ସେ ଗରିୟସୀ – ଏଇ ବେଳରେ । ତା'ର ମହନୀୟତା ସବୁଠୁ ଉର୍ଦ୍ଧ୍ୱରେ ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,

# ପାର୍ବଣରେ ରଜ : ମହକ ହଜୁଛି

**ପୁଷ୍ପମିତ୍ର ମହାପାତ୍ର ■**

ଓଡ଼ିଶାରେ ଘରେ ଘରେ ପାଳନ କରାଯାଉଥିବା ରଜପର୍ବର ପାରମ୍ପରିକ ଚରିତ୍ରରେ ଏବେ ଘଟିଛି ଅନେକ ପରିବର୍ତ୍ତନ । ସହରରେ ରଜର ମଉଜ ନାହିଁ । ଗାଁ ଗହଳିରେ ଆଉ ସେଭଳି ମନମତାଣିଆ ପର୍ବର ଆକର୍ଷଣ ଦେଖିବାକୁ ମିଳୁନାହିଁ । ଜାତୀୟ ପର୍ବ ଭାବେ ପରିଚିତ ରଜପର୍ବ କୁମାରୀ କନ୍ୟାମାନଙ୍କୁ ପୂର୍ବରୁ ଯେଉଁଭଳି ପ୍ରଭାବିତ କରୁଥିଲା ସେଥିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ତେବେ ବି ପରମ୍ପରାର ଛିଟା ସଂପୂର୍ଣ୍ଣ ଭାବେ ଲିଭିନାହିଁ । ରଜପର୍ବରେ ନୂଆ ପୋଷାକ ପିନ୍ଧିବା, ପିଠାପଣା ଓ ଭଲ ମନ୍ଦ ଖାଦ୍ୟ ପ୍ରସ୍ତୁତ କରିବା ବ୍ୟବସ୍ଥା ଏବେ ବି ପ୍ରଚଳିତ ଅଛି ଅନେକ ସ୍ଥାନରେ । ମଫସଲ ଅଞ୍ଚଳରେ ରଜର ମହକ ଏବେ ବି ଉତ୍‌ଫୁଲ୍ଲିତ କରୁଛି ଲୋକମାନଙ୍କୁ । କୁମାରୀ କନ୍ୟାମାନେ ତିନିଦିନ ଧରି ସ୍ନାନ କରନ୍ତି ନାହିଁ । ଖାଲି ପାଦରେ ଭୂମି ଉପରେ ଚାଲିବା ମଧ୍ୟ ଦେଖାଯାଏ ନାହିଁ । ଏକରକମ ଘର ଭିତରେ ବସି ରହନ୍ତି ସେତେବେଳେ କଦଳୀ ପାଟୁଆ ବା ଗୁଆଖୋଳ ପିନ୍ଧି ପଦାକୁ ଆସନ୍ତି । ଏବେ ଚପଲ ବ୍ୟବହାର କରାଗଲାଣି । ବସୁମତୀ ପୂଜା ପାଳନ ପାଇଁ ମାଟି ଖୋଳିବା ବା ମାଟିକୁ ଆଘାତ ଦେବା ଠାରୁ ଦୂରରେ ରହନ୍ତି ଲୋକମାନେ । ଦଳ ଦଳ ହୋଇ ମହିଳାମାନେ ସାହି ପଡ଼ୋଶୀ ଘରକୁ ଯାଇ ହସଖୁସିରେ ସମୟ ବିତାଇଥାଆନ୍ତି । ସନ୍ଧ୍ୟା ପୂର୍ବରୁ ସମାପ୍ତ କରିଥାଆନ୍ତି ଭୋଜନ ପର୍ବ । ରଜ ପୂର୍ବଦିନ ଠାରୁ ସବୁକାର୍ଯ୍ୟ ଶେଷ କରି ଥାଆନ୍ତି ସେମାନେ । କଂସାବାସନ ମଜା ମଜି ଠାରୁ ଆରମ୍ଭ କରି ରଜ ତିନିଦିନ ପାଇଁ ମସଲା ବାଟିବା ଏବଂ ପିଠା ପଣା ପାଇଁ ବିରିବଟା ଓ ଚୂନା କୁଟା କାର୍ଯ୍ୟ ଶେଷ କରାଯାଇଥାଏ । ଗାଁ ଗହଳିରେ ଏବେବି ଏହି ପରମ୍ପରାର ଚିତ୍ର କାଁ ଭାଁ ଲକ୍ଷ୍ୟ କରାଯାଏ । ଢ଼ିଙ୍କିରେ ଚାଉଳ ଚୂନା କରିବାଠାରୁ ଆରମ୍ଭ କରି ଦୋଳିରେ ବସି ମଉଜରେ ସାରାଦିନ ଝୁଲିବା ଦେଖାଯାଇଥାଏ । ଆଷାଢ଼ ମାସରେ ମେଘ ସହ ମାଟିର ମିଳନ ହୋଇଥାଏ । ମାଟିକୁ ବିଶ୍ରାମ ଦେବାପାଇଁ ତିନିଦିନ ପର୍ଯ୍ୟନ୍ତ ମାଟିକୁ କଷ୍ଟ ନଦେବାନେଇ ରଜପର୍ବ ପାଳନ କରାଯାଇଥାଏ ବୋଲି କହନ୍ତି ବୟସ୍କ ଲୋକମାନେ । ଏବେ ଏ ସବୁ କେହି କେହି ପାଳୁଥିବାବେଳେ ଅନେକ ଏହାକୁ ଅନ୍ଧ ବିଶ୍ୱାସ କହି ଦୂରେଇ ଦେବାରେ ଲାଗିଛନ୍ତି ।

ପହିଲି ରଜପର୍ବ ଦୁଇଦିନ ଆଗରୁ ସବୁ ପ୍ରସ୍ତୁତି ପାଇଁ ଆୟୋଜନ କରିଥାଆନ୍ତି ଘରରବୟସ୍କା ମହିଳାମାନେ । କେବଳ କୁମାରୀ କନ୍ୟା ନୁହନ୍ତି ଠାକୁରମାନଙ୍କୁ ମଧ୍ୟ ସ୍ନାନ କରାଯାଏ ନାହିଁ । କଟାବଟା କାର୍ଯ୍ୟ ମହିଳାମାନଙ୍କ ଦ୍ୱାରା କରାଯାଉନଥିବା ବେଳେ ଏହି କାର୍ଯ୍ୟ ପୁରୁଷମାନେ କରିଥାଆନ୍ତି । ରଜଦୋଳିର ଏକ ଆକର୍ଷଣ ରହିଛି । ଦୋଳିଟିଏ ଲାଗିଥିବା ସ୍ଥାନରେ ଝିଅମାନେ ନୂଆ ପୋଷାକ ପିନ୍ଧି ଦୋଳିଖେଳୁଥିବା ଦେଖାଯାଏ । ରଜ ତିନିଦିନ ପୃଥିବୀ ରଜସ୍ୱଳା ହେଉଥିବା ଲୋକମତ ରହିଛି । ଏହି କାରଣରୁ ଭୂମି ସ୍ପର୍ଶ ବା କର୍ଷଣକୁ ବାରଣ କରାଯାଇଛି ।



ବ୍ୟସ୍ତ ଜୀବନ ଭିତରେ ରଜର ମହକ ଧୀରେ ଧୀରେ ମଳିନ ପଡ଼ିଯାଇଥିବା ଏବେ ଲକ୍ଷ୍ୟ କରାଗଲାଣି । ପ୍ରସ୍ତୁତି ପାଇଁ ସମୟ ମଧ୍ୟ ନାହିଁ । ଅତ୍ୟାଧୁନିକ ବ୍ୟବସ୍ଥାରେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ଯୋଗୁଁ କଟାକଟି ଓ ବଟାବଟି ଆଦି ନିଷିଦ୍ଧ ଥିଲେ ମଧ ତାହା ସହଜରେ ହୋଇପାରୁଛି ଭୂମିକୁ ସ୍ପର୍ଶ ନକରି । ପର୍ବପର୍ବାଣିର ମଜ୍ଜାନେବା ପାଇଁ ଆଉ ଆଗଭଳି ଆଗ୍ରହ ନାହିଁ । ଯେତେବେଳେ ଚାହିଁଲେ ମହିଳାମାନେ ସ୍ୱାଧୀନଭାବେ ସେମାନଙ୍କ କାର୍ଯ୍ୟ ସଂପାଦନ କରୁଛନ୍ତି । ସାହି, ପଡ଼ୋଶୀ, ବନ୍ଧୁମାନଙ୍କ ଘରକୁ ଯିବାପାଇଁ ଆଉ ସମୟ ଉପରେ ନିର୍ଭର କରିବାକୁ ହେଉନାହିଁ । ଯେଉଁଥିପାଇଁ ରଜପର୍ବର ଗୁରୁତ୍ୱ ଥିଲା ତାହା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ଦୋଳିଖେଳିବା ପାଇଁ ଇଛାହେଲେ ବଜାରରେ ମିଳୁଥିବା ପ୍ଲାଷ୍ଟିକ ସୂତାରେ ବୁଣା ଦୋଳି ଏବେ ରଜ ଦୋଳିର କାମ ଦେଉଛି । ବାଉଁଶ ବା ଦଉଡିର ଆବଶ୍ୟକତା ପଡୁନାହିଁ । ପର୍ବପର୍ବାଣିର ପାରମ୍ପରିକ ଚିତ୍ର ବଦଳୁଛି ଆଧୁନିକ ସମାଜର ଚାଲିଚଳଣକୁ ନେଇ । ଆଉ ସେତେବେଳର ପିଠାପଣା ବ୍ୟବସ୍ଥା ସହରୀ ଜୀବନରେ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଚିରାଚରିତ ଭାବେ ପ୍ରଚଳିତ ପ୍ରଥାକୁ ନେଇ କିଛି ଲୋକ ଏହାକୁ ଜାକଜମକର ସହ ପାଳନ କରୁଥିବାବେଳେ ଅଧିକାଂଶ ସ୍ଥାନରେ ବିଶେଷ କରି ସହରାଞ୍ଚଳ ମିଳନ ପଡ଼ିଆସିଛି ଏହାର ସତ୍ତା ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,

# ଜ୍ୟୋତିଷ ଶାସ୍ତ୍ରରେ ରଜ ଓ ବସୁମତୀ ସ୍ନାନ

**ଅଜୟ କୁମାର ବେହେରା ■**

ରଜ ପର୍ବ କେବଳ ଓଡ଼ିଶାରେ ପାଳିତ ହେଉଥିବାରୁ ଏହାକୁ ଓଡ଼ିଶାର ନିଜପର୍ବ ଓଡ଼ିଆ ପର୍ବ । ପର୍ବ କହିଲେ ବିଷ୍ଣୁ ପୁରାଣ ଅନୁସାରେ 'ଚତୁର୍ଦ୍ଦଶ୍ୟାଷ୍ଟମୀ ଚୈବ ଅମାବାସ୍ୟାଥ ପୂର୍ଣ୍ଣିମା ପର୍ବଣ୍ୟେ-ତାନି ରାଜେନ୍ଦ୍ର ! ରବି ସଂକ୍ରାନ୍ତି ରେବଚ' – ଚତୁର୍ଦ୍ଦଶୀ, ଅଷ୍ଟମୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ରବି ସଂକ୍ରମଣ ବା ସଂକ୍ରାନ୍ତି – ଏହି ପାଞ୍ଚ ପାଞ୍ଚଗୋଟି ହିଁ 'ପଞ୍ଚପର୍ବ' ନାମରେ ପ୍ରସିଦ୍ଧ । 'ରଜ' ଉତ୍ସବ ମିଥୁନ ସଂକ୍ରାନ୍ତିକୁ ନେଇ ଅନୁଷ୍ଠିତ ହେଉଥିବାରୁ – ଏହାକୁ 'ପର୍ବ' ବୋଲି କହିବାରେ ଶାସ୍ତ୍ରୀୟ ସମର୍ଥନ ରହିଛି ।

ଯସ୍ୟାଂ ସମୁଦ୍ର ଉତ ସିନ୍ଧୁରାପୋ
ଯସ୍ୟା ମନ୍ନଂ କୃଷ୍ଟୟଃ ସଂବଭୂବୁଃ ।
ଯସ୍ୟାମିଦଂ ଜିନ୍ୱତି ପ୍ରାଣଦେଜତ୍
ସା ନୋ ଭୂମିଃ ପୂର୍ବପେୟେ ଦଧାତୁ ।

ଯେଉଁ ପୃଥିବୀ ଉପରେ ସମୁଦ୍ର, ନଦୀ ଓ ଜଳ ରହିଛନ୍ତି, ଯେଉଁଥିରେ ଅନ୍ନ ଓ ମାନବସୃଷ୍ଟିର ସତ୍ତା ରହିଛି, ଯେଉଁଠାରେ ସମସ୍ତେ ଆନନ୍ଦିତ ହୁଅନ୍ତି, ଶ୍ୱାସ ପ୍ରଶ୍ୱାସ ନିଅନ୍ତି, ତାହା ବିଚରଣ କରନ୍ତି, ସେହି ଭୂମିକୁ ଆମେ ପ୍ରଥମ ସମ୍ମାନ ଦେବା ।

ପୃଥିବୀ ପ୍ରତି ଏହି ସମ୍ମାନବୋଧ, କୃତଜ୍ଞତା ଓ ଚେତନତ୍ୱର ଆରୋପ ହିଁ ରଜ ଉତ୍ସବର ମୂଳତତ୍ତ୍ୱ । ଆମର ବାସଭୂମି ପୃଥିବୀ ଏକ ନିଷ୍ପ୍ରାଣ ମୃତ୍ତିକାପିଣ୍ଡ ନୁହେଁ । ଏହାର ପ୍ରାଣ ଅଛି । ଏହା ଆମକୁ ଧରା ହୋଇ ଧରି ରଖିଛି ଏବଂ କ୍ଷମା ଭାବରେ ସବୁ ସହି ଭୂତଧାତ୍ରୀ ପରି ପାଳନ କରୁଛି । ପୃଥିବୀଠାରେ ଏହି ମାତୃଚେତନା ବା ମାଟି ପ୍ରତି ମମତା ହିଁ କୃତଜ୍ଞ ମନୁଷ୍ୟକୁ ରଜପର୍ବରେ ତିନିଦିନ ପାଇଁ କର୍ଷଣ କରିବାରୁ ନିବୃତ୍ତ କରିଛି ।

ଜ୍ୟୋତିଶଶାସ୍ତ୍ର ଅନୁସାରେ ସୂର୍ଯ୍ୟ ବାର ଭାଗରେ ବିଭକ୍ତ ରାଶିଚକ୍ରରେ ୬୦୦ ବା ବୃଷରାଶିକୁ ତ୍ୟାଗକରି ଯେତେବେଳେ ମିଥୁନ ରାଶିରେ ପ୍ରବେଶ କରିବେ, ସେହିଦିନ ସୂର୍ଯ୍ୟଙ୍କର ମିଥୁନ ସଂକ୍ରମଣ ମିଥୁନ ରାଶି ପ୍ରବେଶ ହୁଏ ଏବଂ ଉକ୍ତ ଦିନଟିକୁ ମିଥୁନ ସଂକ୍ରାନ୍ତି କୁହାଯାଏ । ମିଥୁନ ରାଶି ଅର୍ଥାତ୍ ରାଶିଚକ୍ରର ୬୦ ଡିଗ୍ରୀ ଠାରୁ ୯୦ ଡିଗ୍ରୀ ପର୍ଯ୍ୟନ୍ତ ବ୍ୟାପ୍ତ ଅଂଶରେ ସୂର୍ଯ୍ୟ ଏକମାସ ରହନ୍ତି ଏବଂ ଏହି ମାସଟିକୁ ମିଥୁନ ସୌର ମାସ କୁହାଯାଏ । ଏକ ଗଦାଧାରୀ ପୁରୁଷ ଓ ବୀଣାଧାରିଣୀ ସ୍ତ୍ରୀଙ୍କର ଯୁଗ୍ମ ବିଗ୍ରହ ଭାବରେ ମିଥୁନ ରାଶିଟିର କଳ୍ପନା ହୋଇଛି । ପ୍ରଶ୍ନୋପନିଷଦ୍‌ରେ କୁହାଯାଇଛି –

ସଃ ମିଥୁନମ୍ ଉତ୍ପାଦୟତେ, ରୟିଂ ଚ ପ୍ରାଣଂ ଚ ଇତି । ଏତୌ ମେ ବହୁଧା ପ୍ରଜାଃ କରିଷ୍ୟତ ଇତି । ଆଦିତ୍ୟୋ ହବୈ ପ୍ରାଣୋ ରୟିରେବ ଚନ୍ଦ୍ରମାଃ । ଏଠାରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ମିଥୁନଙ୍କୁ ପ୍ରାଣ ଓ ଅନ୍ନ କହି ସେମାନଙ୍କ ଗତିରୁ ହେଉଥିବା ଦିନ ଓ ରାତି, ଋତୁ



ଓ ମାସ ତଥା ନବବର୍ଷ ହିଁ ଅଭିଲକ୍ଷିତ । ମୃଗଶିରା ନକ୍ଷତ୍ରର ଦୁଇପାଦ, ଆର୍ଦ୍ରାର ଚାରିପାଦ ଓ ପୁନର୍ବସୁ ନକ୍ଷତ୍ରର ତିନିପାଦକୁ ନେଇ ମିଥୁନରାଶି ହୋଇଛି । ଏହି ତିନି ନକ୍ଷତ୍ରରେ ସେହି ଏକ ମିଥୁନତତ୍ତ୍ୱ ବି ପରିଲକ୍ଷିତ ହୁଏ । ଐତରେୟ ବ୍ରାହ୍ମଣ ଅନୁସାରେ ପ୍ରଜାପତି ବ୍ରହ୍ମା ସ୍ୱୀୟ କନ୍ୟା ରୋହିଣୀ ପ୍ରତି କାମାସକ୍ତ ହେବାରୁ ରୋହିଣୀ ଲଜ୍ଜା ଓ ଭୟରେ ମୃଗ ରୂପରେ ପଳାୟନ କଲେ । ବ୍ରହ୍ମା ମଧ ମୃଗ ରୂପରେ ମୃଗୀରୂପା ରୋହିଣୀଙ୍କର ଅନୁଧାବନ କରିବାରୁ ଦେବତାମାନେ ସେମାନଙ୍କର ରୌଦ୍ରଅଂଶରୁ ଭୂତବାନଙ୍କୁ ସୃଷ୍ଟି କଲେ ଏବଂ ସେହି ଭୂତବାନ ଭୂତପତି ମୃଗରୂପୀ ବ୍ରହ୍ମାଙ୍କର ଶିରଚ୍ଛେଦ କରି ଆକାଶରେ ସ୍ଥାପନ କଲେ । ଏହାହିଁ ହେଉଛି ଆମର ମୃଗଶିରା ନକ୍ଷତ୍ର ପ୍ରାଚୀନ କାଳରେ ମୃଗଶିରା ନକ୍ଷତ୍ରରେ ହିଁ ବାସନ୍ତକ୍ରାନ୍ତିପାତ ଘଟୁଥିଲା ଏବଂ ଏହିଠାରୁ ହିଁ ବର୍ଷାରମ୍ଭ ହେଉଥିଲା ।

ରଜର ତିନି ଦିନ ଅର୍ଥାତ୍ ପହିଲି ରଜ, ସଂକ୍ରାନ୍ତି ଓ ଭୂମି ଦହନ – ଏହି ତିନି ଦିନ ପାଳନ କରିବା ସକାଶେ ଓଡ଼ିଶାର ଝିଅ ବୋହୂମାନେ ସବୁକାମ ସାରି ସଜ ହୁଅନ୍ତି । ନୂଆଲୁଗା ପିନ୍ଧି ବିଭିନ୍ନ ସ୍ଥାନ ଦେଖିବାକୁ ଦଳ ଦଳ ହୋଇ ବୁଲି ବାହାରନ୍ତି, ଦୋଳି ବାନ୍ଧି 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ' – ବୋଲି ଗୀତ ଗାଇ ଆନନ୍ଦରେ ଝୁଲନ୍ତି । ଏହି ତିନି ଦିନ ସେମାନେ ରନ୍ଧାବଢ଼ା ଓ କଟାବଟା ଇତ୍ୟାଦି ଗୃହକର୍ମ ନକରି ସଂପୂର୍ଣ୍ଣ ବିଶ୍ରାମ ନିଅନ୍ତି । ସତତ କର୍ମରତ ଗୃହବଧୂ ଓ କନ୍ୟାମାନଙ୍କର କୃଷି କର୍ମରେ କଠୋର ପ୍ରବୃତ୍ତି ସକାଶେ ଏ ତିନି ଦିନ ଯେପରି ପ୍ରସ୍ତୁତି ବିଶ୍ରାମ । ପୃଥିବୀ ରଜସ୍ୱଳା ପାଳନ ବିଧିରେ ଝିଅ ବୋହୂମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଯେଉଁ ପର୍ବର କଳ୍ପନା ସେଥିରେ ଶରୀର ସକାଶେ ବିଶ୍ରାମ, ମନ ପାଇଁ ଆନନ୍ଦ ଓ ଭବିଷ୍ୟତ ସକାଶେ ସ୍ୱପ୍ନ ଥିଲେ ହିଁ ପୃଥିବୀ ଯେପରି ଶସ୍ୟ ଶ୍ୟାମଳା ହେବ ମଣିଷର ସାଂସାରିକ ଜୀବନଯାପନ ସକାଶେ ସେପରି ସ୍ୱଚ୍ଛଳ ହେବ ବୋଲି ନିର୍ଦ୍ଦେଶ ରହିଛି । ରବି ରଜାର ମିଥୁନ ବା ମିଳନରେ ଯେତେ ଆନନ୍ଦ, ଯେତେ ଉନ୍ମାଦନା – ସବୁ ରାଜସ ବିଳାସ, ସତେ ଯେପରି ଆମରି ମଧ୍ୟରେ ଅବତରଣ କରିଛି – ଏଇ ଫଳପ୍ରସ୍ୱ ମାଟିର ଉର୍ବରତା ଦ୍ୟୋତକ ରୁଜ – ପର୍ବର ମନ ମତାଣିଆ ମଉଚ୍ଛବ ବା ମହୋତ୍ସବରେ ।ବସୁମତୀ ସ୍ନାନ ରଜ ପର୍ବର ଅନ୍ୟତମ ଦିବସ । ଏହା ବସୁମାତାଙ୍କ ଶୁଦ୍ଧ ସ୍ନାନ । ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ନାମରେ ଏହା ଲୋକପ୍ରିୟ । ମାର୍ଗଶୀର ଶେଷ ଗୁରୁବାର ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଲେଖାଯାଏ । ରଜସ୍ୱଳା ନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃକାଳରେ ଧରିତ୍ରୀ ମା'ର ଶୁଦ୍ଧ ସ୍ନାନ ପର୍ବ ପାଳନ କରାଯାଏ । ଏହି ଦିନ ଆନନ୍ଦ ଉଲ୍ଲାସ ପରିବର୍ତ୍ତେ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ବସୁମତୀ ସ୍ନାନରେ ଧରଣୀ ମାତାକୁ ଭକ୍ତି ଭାବର ସହ ପୂଜା କରାଯାଏ । ଶୁଦ୍ଧସ୍ନାନ ପରେ ଧରଣୀ ସଶ୍ୟବୀଜ ଧାରଣ କରିପାରେ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ପରମ୍ପରାରେ ନାରୀ ପର୍ବ : ରଜ

**ଡ଼ଃ.ଅରୁନ୍ଧତୀ ଦେବୀ ■**

ଆସିଛି ରଜ । ରଜପର୍ବ ଆସିଲେ କେବଳ ଗ୍ରାମାଞ୍ଚଳ ଉତ୍ସବ ମୁଖରିତ ହେଉନାହିଁ ଏହାର ଗୁରୁତ୍ୱ ଉପଲବ୍ଧ କରାଯାଉଛି ସହରରେ । କେଉଁ ପ୍ରାଚୀନ କାଳରୁ ପ୍ରଚଳିତ ରଜପର୍ବର ମଜା ନେଉଛନ୍ତି ଗ୍ରାମ ଓ ସହରାଞ୍ଚଳର ମହିଳାମାନେ । ନବବସ୍ତ୍ର ପରିଧାନ ଠାରୁ ଆରମ୍ଭ କରି ପିଠାପଣା ପ୍ରସ୍ତୁତ କରିବା କାର୍ଯ୍ୟ ଘରେ ଘରେ ଦେଖିବାକୁ ମିଳେ । ସହରୀ ଜୀବନ ଭିତରେ ବି ଏହି ପର୍ବକୁ ପାଳନ କରିଚାଲିଛନ୍ତି ସହରରେ ବସବାସ କରୁଥିବା ମହିଳା ଓ ଝିଅମାନେ । ସମୟ ଥିଲା ପର୍ବପର୍ବାଣୀ ପଲ୍ଲୀ ଜୀବନକୁ ସରସ ସୁନ୍ଦର କରୁଥିଲା । କର୍ମକ୍ଳାନ୍ତ ଜୀବନରେ ଅବସର ପାଇଁ ଆଣି ଦେଉଥିଲା ସୁଯୋଗ । ଏବେ ସବୁ ମଣିଷ ବ୍ୟସ୍ତ । ଅବସର ପାଇଁ ସମୟ ନାହିଁ । ସଦା ଚଞ୍ଚଳ, କର୍ମତତ୍ପର ହୋଇ ଉଠନ୍ତି ଜୀବନ । ବିଶ୍ରାମ କଥା କେହି ଚିନ୍ତା ମଧ କରୁନାହାନ୍ତି । ତେବେରି ବ୍ୟବସ୍ଥା ବାହାରକୁ ଆସିପାରୁନି ମଣିଷ । ମାନିବାକୁ ହେଉଛି ପ୍ରଥା ଓ ପରମ୍ପରାର ନିୟମକୁ ।



ଜ୍ୟେଷ୍ଠ ମାସର ଶେଷ ଦିବସ ଏବଂ ଆଷାଢ଼ ମାସର ପ୍ରଥମ ଦୁଇଦିନକୁ ନେଇ ପାଳନ କରାଯାଇଥାଏ ରଜପର୍ବ । ଝିଅମାନଙ୍କ ଭୂମିକା ଏହି ପର୍ବରେ ପ୍ରମୁଖ । ଏହି ସମୟରେ ପୃଥିବୀ ରଜବତୀ ହୁଏ ବୋଲି ଲୋକକଥା ରହିଛି । ଧରଣୀକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ନେଇ ପାଳନ କରାଯାଇଥାଏ ପର୍ବ । ସ୍ତ୍ରୀ ଲୋକମାନେ ଧରଣୀ ମାତାର ପ୍ରତିନିଧିତ୍ୱ କରିଥାଆନ୍ତି । ରଜ ତିନିଦିନ କୌଣସି କାର୍ଯ୍ୟ କରିନଥାନ୍ତି ମହିଳାମାନେ । ଖାଲି ପାଦରେ ମାଟି ଉପରେ ଚାଲିବା ମଧ୍ୟ ବନ୍ଦ କରନ୍ତି । ଏହାକୁ ସେଭଳି କଡ଼ା କଡ଼ି ଭାବେ ପାଳନ କରାଯାଉନଥିଲେ ମଧ୍ୟ ସଂଖ୍ୟାଧିକ ମହିଳା ଏହି ନିୟମକୁ ମାନୁଥିବା ଲକ୍ଷ୍ୟ କରାଯାଏ । ଦାନ୍ତକାଠି ଭାଙ୍ଗିବା, ମସଲା ବାଟିବା କାର୍ଯ୍ୟ ବନ୍ଦ ରହିଥାଏ । ରଜପର୍ବ ପୂର୍ବରୁ ମସଲା ବଟା, ପିଠା ପଣା ପାଇଁ ସବୁ କାର୍ଯ୍ୟ ଶେଷ କରିଥାଆନ୍ତି ମହିଳାମାନେ ।

ଦୋଳି ଖେଳିବା ଏକ ବିଧିଭାବେ ରହିଆସିଛି । ରଜ ତିନିଦିନ ମହିଳାମାନେ ଦୋଳି ଖେଳିବା କାର୍ଯ୍ୟରେ ନିଜକୁ ସାମିଲ କରିଥାଆନ୍ତି । ଝିଅଙ୍କର ଆନନ୍ଦ ଉଲ୍ଲାସ ବଢ଼ିଥାଏ । ସେମାନେ ଉପଭୋଗ କରିଥାଆନ୍ତି ରଜ । ମଜା ନେଇଥାଆନ୍ତି ଏହି ପର୍ବର । ନାରୀମାନଙ୍କ ନିର୍ଦ୍ଦେଶରେ ପର୍ବର କଟକଣା କାର୍ଯ୍ୟକାରୀ ହୋଇଥାଏ । ନୂତନ ବସ୍ତ୍ର ପରିଧାନ ସହ ଝିଅ, ବୋହୂମାନେ ଅଳତା ଲଗାଇବା ଶଙ୍ଖା ସିନ୍ଦୂର ପିନ୍ଧି ଏକତ୍ର ହୁଅନ୍ତି ରଜଦୋଳି ନିକଟରେ । ଓଡ଼ିଶାର ଘରେ ଘରେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । କେବଳ ଘରେ ନୁହେଁ ଓଡ଼ିଶାର ନାଥ ଜଗନ୍ନାଥଙ୍କ ମନ୍ଦିରରେ ମଧ୍ୟ ପୋଡ଼ପିଠା ପ୍ରସ୍ତୁତ କରାଯାଇଥାଏ । ରଜପର୍ବରେ ଏକାଧିକ ଝିଅ ବୋହୂ ଓ ମହିଳା ଏକତ୍ର ହେବା ସେମାନଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିଥାଏ । ଭୂମିକୁ ସ୍ପର୍ଶ ନକରିବା ପାଇଁ ଅନେକ ଅଞ୍ଚଳରେ ଝିଅମାନେ ଗୁଆ ଖୋଳପା ଓ କଦଳୀ ପାଟୁଆରେ ଜୋତା କରି ବ୍ୟବହାର କରନ୍ତି । ଏବେ ଚପଲ ଓ ଜୋତା ବ୍ୟବହାର ଯୋଗୁଁ ଧୀରେ ଧୀରେ ପ୍ରାଚୀନ ପରିଧାନରେ ପରିବର୍ତ୍ତନ ଘଟିଛି । ମଫସଲ ଅଞ୍ଚଳରେ ଝିଅମାନେ ତିନିଦିନ ତଳେ ବସିବା ଦେଖାଯାଏ ନାହିଁ । ମଶିଣା ଉପରେ ବସିରହନ୍ତି ଏମାନେ । ନାରୀମାନଙ୍କୁ ରଜପର୍ବ ପାଳନରେ ପୁରୁଷମାନେ ମଧ୍ୟ ସହଯୋଗ କରିଥାଆନ୍ତି । ନାରୀମାନେ ଆନନ୍ଦ ଉଲ୍ଲାସରେ ରଜପର୍ବର ମଜା ନେଉଥିବାବେଳେ ପୁରୁଷମାନେ ଦଳ ଦଳ ହୋଇ ବିଭିନ୍ନ ଖେଳରେ ମାତିରହନ୍ତି । ଆନନ୍ଦ ବିଭିନ୍ନ ସ୍ଥାନରେ ମନୋରଞ୍ଜନ କାର୍ଯ୍ୟକ୍ରମ ଯୋଗୁଁ ଅଧିକ ଉତ୍ସବ ମୁଖର ହୋଇଉଠେ ରଜ । ସମ୍ପର୍କୀୟ ଓ ବନ୍ଧୁବାନ୍ଧବମାନଙ୍କ ଘରକୁ ପିଠାପଣା, ଆମ୍ବ, ପଣସ ପଠାଇ ସମ୍ପର୍କର ସେତୁକୁ ଦୃଢ଼ କରାଯାଇଥାଏ ।

ପହିଲି ରଜଠାରୁ ଆରମ୍ଭ କରି ବସୁମତି ସ୍ନାନ ପର୍ଯ୍ୟନ୍ତ ସବୁକାର୍ଯ୍ୟ ମହିଳାମାନଙ୍କ ଦ୍ୱାରା କରାଯାଇଥାଏ । ପ୍ରଚଣ୍ଡ ରୌଦ୍ରତାପରେ ବସୁମାତା ଉତ୍ତପ୍ତ ହୋଇଥିବାରୁ ତାଙ୍କ ଶୀତଳ କରିବା ପାଇଁ ବସୁମତି ସ୍ନାନ ପରମ୍ପରା ଥିବା କହନ୍ତି ବୟସ୍କା ମହିଳାମାନେ । ରଜପର୍ବ ପାଳନ ଦ୍ୱାରା ମାଟି ମାଆ ଆଶୀର୍ବାଦ କରିଥାଏ ଓ ଫସଲ ଭଲ ହୋଇଥାଏ ବୋଲି ମତଦିଅନ୍ତି ଲୋକମାନେ । ଏହି ରଜପର୍ବ ପାଳନ ପଛରେ ପୂର୍ବପୁରୁଷଙ୍କର ଉଦ୍ଦେଶ୍ୟ କ'ଣ ଥିଲା ତାହା ଠିକ୍ ଭାବେ କେହି ନଜାଣିଲେ ମଧ ନାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପର୍ବର ଛିଟା ଏବେ ବି ସ୍ପଷ୍ଟ । ସ୍କୁଲ, କଲେଜ ଏହି ସମୟରେ ଛୁଟି ଥିବା ଯୋଗୁଁ ଝିଅମାନେ ବେଶ୍ ଆନନ୍ଦ ନିଅନ୍ତି ଏହି ପର୍ବପାଳନ କରି । ରଜପର୍ବର ମୌଳିକତା ଯାହାବି ହେଉନା କାହିଁକି ଅନ୍ୟତମ ନାରୀମାନଙ୍କ ପର୍ବ ଭାବେ ପ୍ରଚଳିତ ଏହି ରଜପର୍ବ ଉତ୍ସବ ମୁଖରିତ କରିଥାଏ ଓଡ଼ିଶାବାସୀଙ୍କୁ । ଉଲ୍ଲସିତ କରିଥାଏ ଜୀବନଚିତ୍ର ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ସରିଲା ସଜବାଜ, ଆଜି ପହିଲି ରଜ

**କାକଟପୁର/ଅସ୍ତରଙ୍ଗ, ୧୩।୬ (ସ୍ୱାଧିକାର ନ୍ୟୁଜ):** ଗ୍ରୀଷ୍ମ ଓ ବର୍ଷା ଋତୁର ସନ୍ଧୀକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣପର୍ବ ରଜ। ସତେ ଯେମିତି ଏହା ଧରିତ୍ରୀ ମାତା ଓ ମୌସୁମୀର ମିଳନ ପର୍ବ। ସାରା ବିଶ୍ୱରେ ପ୍ରକୃତିକୁ ନେଇ ଏମିତି ଏକ ପର୍ବର ପରିକଳ୍ପନା ହୁଏତ ଆଉ କେଉଁଠି ନ ଥିବ। ପ୍ରକୃତି ସୃଷ୍ଟି କରିଛି ବର୍ଷା। ଆଉ ବର୍ଷାକୁ ସ୍ୱାଗତ କରେ ରଜ। ପିଠା, ଦୋଳି ଓ ଗୀତର ଆସର ହିଁ କହିଦିଏ ଏହି ପର୍ବର ମନକଥା। ପହିଲି ରଜରେ ଝିଅମାନଙ୍କ ସଜବାଜଠାରୁ ଆରମ୍ଭ କରି ବସୁମତି ସ୍ନାନ ପର୍ଯ୍ୟନ୍ତ ପାଳିତ ହୋଇଥାଏ ରଜପର୍ବ।

ଅସରାଏ ବର୍ଷା ପରେ ପାଗ ହୁଏ ଅନୁକୂଳ। ଗାଁ ଦାଣ୍ଡରେ ଝିଅମାନେ କଉଡ଼ି, ବୋହୂଚୋରି, ଲୁଡୁ ଖେଳୁଥିବା ବେଳେ ଯୁବକମାନେ କବାଡ଼ି, କୁସ୍ତି, ପଶା ଓ ତାସ୍ ଆଦି ଖେଳରେ ମସଗୁଲ୍ ରୁହନ୍ତି। ହେଲେ ଆଗଭଳି ଆଉ ଦେଖିବାକୁ ମିଳେନା ରଜରେ ଏହିସବୁ ପାରମ୍ପରିକ ଖେଳ। ସମୟକ୍ରମେ ଗାଁରୁ ଲୋପ ପାଇ ଆସିଲାଣି ଅନେକ ଖେଳ। ଯାହାଯୋଗୁ ଦେହମନ ସୁସ୍ଥ ଓ ପ୍ରଫୁଲ୍ଲ ରହୁଥିଲା। କିନ୍ତୁ ରଜ ଆସିଲେ ଏହିସବୁ ପରମ୍ପରା ମନେପଡ଼ିଯାଏ, ଯାହା ଆଜିକାଲି କାଁ ଭାଁ କେତୋଟି ଜାଗାରେ ଦେଖିବାକୁ ମିଳେ। ଦୋଳି ବିନା ରଜର ପରିକଳ୍ପନା କରାଯାଇ ପାରେନା। ରଜରେ ରାମଦୋଳି, ଚରକା ଦୋଳି, ବାଉଁଶ ଦୋଳି ଦେଖିବାକୁ ମିଳେ। ସାଙ୍ଗସାଥୀଙ୍କ ମେଳରେ ଦୋଳିଖେଳ ସହିତ ଶୁଣାଯାଏ ରଜଗୀତର ମିଠାସୁର। ଘର ଅଗଣା ହେଉ କି ଆମ୍ବତୋଟା, ସବୁଠି ଶୋଭାପାଏ ରଜଦୋଳି। ତା' ସାଙ୍ଗକୁ ଭାସି ଆସୁଥାଏ ରଜର ମନମତାଣିଆ ଗୀତ। 'ବନସ୍ତେ ଡାକିଲା ଗଜ, ବରଷେକ ଥରେ ଆସିଛି ରଜ, ଆସିଛି ରଜଲୋ, ଘେନି ନୂଆ ସଜବାଜ ଇତ୍ୟାଦି ଢଗମାଳି ଗାଇ ଝିଅମାନେ ଦୋଳି ଖେଳିଥା'ନ୍ତି।

ପୁଚି ଦୁଇ ପ୍ରକାରର- ଠିଆପୁଚି ଓ ବସାପୁଚି। ରଜରେ ଏଥିରେ ବହୁସଂଖ୍ୟାରେ ଝିଅ ଭାଗ ନେଇଥାନ୍ତି। ପୁଚି ଖେଳିବା ବେଳେ ଝିଅମାନେ ମଉଜିଆ ଗୀତ ଗାଆନ୍ତି- 'ଠିଆପୁଚି ନାରଙ୍ଗ, ଗୋଡ଼ ଦି'ଟା ସାରଙ୍ଗ। ସାରଙ୍ଗ ବାଡ଼ିକୁ ଯାଇଥିଲି, ନାରଙ୍ଗ ଦି'ପୁଞ୍ଜା ଆଣିଥିଲି। ଅଧେ କଲି ରାଇ ଲୋ, ଅଧେ କଲି ଭଜା। ତୋ ଭଉଣୀ ରାଣୀ ଲୋ, ମୋ ଭାଇଟି ରଜା। ଅସ୍ତରଙ୍ଗ ଓ କାକଟପୁର ଉପକଣ୍ଠ ବିଭିନ୍ନ ଗ୍ରାମରେ ରଜ ପାଇଁ ପ୍ରସ୍ତୁତି ମଧ ହୋଇଛି। ବିଭିନ୍ନ ଗ୍ରାମରେ ଝିଅ ମାନଙ୍କ ଦ୍ୱାରା ଗୀତ, ନାଚ, ଝୋଟି, ପାନ ଭଙ୍ଗା, ପୋଡ଼ ପିଠା ତିଆରି, ଚିତ୍ର କଳା ଆଦି ପ୍ରତିଯୋଗିତା ଆରମ୍ଭ ହେବ। ଯାହାକି ନେଇ ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ଗ୍ରାମ ରଜ ପର୍ବରେ ଉତ୍ସବ ମୁଖର।

## ବଡ଼ଚଣାରେ ବିକାଶ ମେଳା

**ବଡ଼ଚଣା, ୧୩।୬ (ସ୍ୱାଧିକାର ନ୍ୟୁଜ):** ବର୍ଷ ଏକ ଉପଲବ୍ଧି ଅନେକ, ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟବ୍ୟାପୀ ବିକାଶ ମେଳା ୨୦୨୫କୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ପରିସରରେ ବିଧାୟକ ଅମର ନାୟକଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଛି ବିକାଶ ମେଳା । ବିଧାୟକ ଶ୍ରୀ ନାୟକଙ୍କୁ ବଡ଼ଚଣା ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ବଡ଼ଚଣା ବିଡ଼ିଓ ରବୀନ୍ଦ୍ର ପ୍ରଧାନ। ଜଗତର ନାଥ ଜଗନ୍ନାଥଙ୍କ ଫୋଟ ଛବିରେ ପୁଷ୍ପ ଦ୍ୱୀପ ପ୍ରଜ୍ୱଳନ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ ବିଧାୟକ ଓ ବ୍ଲକ ପ୍ରଶାସନ ଏବଂ ଲୋକ ପ୍ରତିନିଧି। ପରେ ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଜନହିତକାରୀ ଯୋଜନାକୁ ଜିଲ୍ଲା ଶ୍ରମ ବିଭାଗ ଜିଲ୍ଲା ମଙ୍ଗଳ ଅଧିକାରୀ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଅବଗତ କରାଇଥିଲେ। ବିଧାୟକ ନିଜ ଅଭିଭାଷଣରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହ ରାଜ୍ୟ ସରକାରଙ୍କ ଭିଜନର ପ୍ରଶଂସା କରିଥିଲେ। ବିଧାୟକ ବିକାଶ ମେଳା ୨୦୨୫ ର ବିକାଶ ବାହାନକୁ ନିଜ କର କମଳରେ ଶୁଭାରମ୍ଭ କରିଥିଲେ।

**ଓଡିଶା ତଥା ଦେଶର ପ୍ରଗତିରେ ଆଇଓସିଏଲର ଭୂମିକା ଗୁରୁତ୍ୱପୂର୍ଣ୍ଣ**

# ଆତ୍ମନିର୍ଭର ଭାରତ ଅନ୍ତର୍ଗତ ନବୀକରଣକୁ ପ୍ରୋତ୍ସାହନ

**ପାରାଦୀପ, ୧୩।୬ (ସ୍ୱାଧିକାର ନ୍ୟୁଜ):** ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍ (ଆଇଓସିଏଲ) ପାରାଦୀପରେ ପ୍ରାୟ ୪୩,୩୫୯ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛି। ଯେଉଁଥିରେ ଏହାର ଅତ୍ୟାଧୁନିକ ରିଫାଇନରୀ ୟୁନିଟ୍ (୩୪,୫୫୫ କୋଟି ଟଙ୍କା), ପଲିପ୍ରୋପିଲିନ୍ ପ୍ଲା (୩,୧୫୦ କୋଟି) ଏବଂ ମୋନୋ ଇଥୁଲିନ୍ ଗ୍ଲାଇକୋଲ ପ୍ଲାଣ୍ଟ (୫,୬୫୪ କୋଟି ଟଙ୍କା) ଅନ୍ତର୍ଭୁକ୍ତ। ଏହା ସହିତ, ପେଟ୍ରୋକେମିକାଲ୍ କ୍ଷେତ୍ରରେ ଇଣ୍ଡିଆନ୍ ଅଏଲ୍, ପାରାଦୀପରେ ଚାଲିଥିବା ପିଏକ୍ସ-ପିଟିଏ ପ୍ରକଳ୍ପରେ ୧୩,୮କ୍ସ୫ କାଟି ଟଙ୍କା ପୁଞ୍ଜିନିବେଶ କରିଛି।

ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ତୈଳ ବିଶୋଧନାଗାରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ କୌଶିକ ବସୁ ସୂଚନା ଦେଇ କହିଥିଲେ ଯେ ପାରାଦୀପ ତୈଳ ବିଶୋଧନାଗାର ହେଉଛି ଶିଳ୍ପ ଉତ୍କର୍ଷତାର ଏକ ସ୍ୱରୂପ ଏବଂ ସମାବେଶୀ ବିକାଶ ଏବଂ ନବୀକରଣର ପ୍ରତୀକ। ଆଇଓସିଏଲର ପୁଞ୍ଜି ନିବେଶ ପାରାଦୀପର ଏକ ସମନ୍ୱିତ ରିଫାଇନେରୀ ଓ ପେଟ୍ରୋକେମିକାଲହବ ନିର୍ମାଣ ପାଇଁ ଆଇଓସିଏଲର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ଯାହା ଓଡିଶା ତଥା ଦେଶବାସୀଙ୍କ ପାଇଁ ଉର୍ଜା-ଶକ୍ତି ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ସମର୍ଥନ କରୁଥିବା ନେଇ ଶ୍ରୀ ବସୁ ସୂଚନା ଦେଇଥିଲେ।

ଓଡ଼ିଶାର ବୟନ ଶିଳ୍ପ କ୍ଷେତ୍ରକୁ ସହଯୋଗ କରିବା ପାଇଁ ଭଦ୍ରକ ଟେକ୍ସଟାଇଲ୍ ପାର୍କ ପ୍ରକଳ୍ପରେ ପ୍ରାୟ ୪,୩୮୨ କୋଟି ଟଙ୍କା ନିବେଶ କରାଯିବା ପାଇଁ ଯୋଜନା ରହିଛି। ଆଗାମୀ ପାରାଦୀପ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ପ୍ରକଳ୍ପରେ ପ୍ରସ୍ତାବିତ ୬୧,୦୭୭ କୋଟି ଟଙ୍କାର ନିବେଶ ସହ ଓଡ଼ିଶାରେ ଶିଳ୍ପ ଓ ନିଯୁକ୍ତି ବୃଦ୍ଧି କରିବ। ଏହି ନିବେଶ ଗୁଡିକ ପାରାଦୀପକୁ ଏକ




ସମନ୍ୱିତ ଉର୍ଜା ଏବଂ ପେଟ୍ରୋକେମିକାଲ ହବ୍ ଭାବେ ବିକଶିତ କରିବା ପାଇଁ ଇଣ୍ଡିଆନ୍ ଅଏଲ୍‌ର ରଣନୈତିକ ଦୃଷ୍ଟିକୋଣକୁ ଦର୍ଶାଉଛି। ଏହା ଭାରତ ସରକାରଙ୍କ 'ଆତ୍ମନିର୍ଭର ଭାରତ' ପଦକ୍ଷେପ ଅଧୀନରେ ନବୀକରଣକୁ ପ୍ରୋତ୍ସାହନ, ଆତ୍ମନିର୍ଭରତା ବୃଦ୍ଧି ଏବଂ ସ୍ୱଚ୍ଛ, ନିରନ୍ତର ଭବିଷ୍ୟତ ପାଇଁ ଜାତୀୟ ଉର୍ଜା ପରିବର୍ତ୍ତନକୁ ଆଗେଇ ନେବାରେ କର୍ପୋରେସନର ଦୃଢ଼ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ଏଥିସହ ପାରାଦୀପ ତୈଳ ବିଶୋଧନାଗାରର ବିକାଶ, ପରିଚାଳନା ଏବଂ ୧୫ ହଜାରରୁ ଅଧିକ ଜୀବିକା ନିର୍ବାହକୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସହାୟକ ହେବ। ଯେଉଁଥିରେ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକ, ଠିକାଦାର ଏବଂ ଯୋଗାଣ ଶୃଙ୍ଖଳା ଅଂଶୀଦାରମାନେ ଅନ୍ତର୍ଭୁକ୍ତ ରହିବେ। ଇଣ୍ଡିଆନ ଅଏଲ୍ ସ୍ଥାନୀୟ ଦକ୍ଷତା ବିକାଶ ଏବଂ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମ ଗୁଡ଼ିକୁ ମଧ୍ୟ ସମର୍ଥନ କରିଥାଏ, ଯାହା ନିକଟବର୍ତ୍ତୀ ସମୁଦାୟ ଗୁଡ଼ିକରେ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିଛି।

୨୦୨୪-୨୫ ଆର୍ଥିକ ବର୍ଷରେ, ପାରାଦୀପ ତୈଳ ବିଶୋଧନାଗାର ବିଭିନ୍ନ ଶୁଳ୍କ, ଟିକସ ଓ ଅନ୍ୟାନ୍ୟ ଦେୟ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜକୋଷକୁ ୨୫,୬୯୯ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅଂଶଦାନ ପ୍ରଦାନ କରିଛି, ଯାହା ଏହାର ଦାୟିତ୍ୱଶୀଳ କର୍ପୋରେଟ ପ୍ରତିଷ୍ଠାନ ଓ ଅର୍ଥନୈତିକ ସାମର୍ଥ୍ୟର ଭୂମିକାକୁ ରେଖାଙ୍କିତ କରିଥାଏ। ସେହିପରି କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଯୋଜନା ଅନ୍ତର୍ଗତ ପାରାଦୀପ ତୈଳ ବିଶୋଧନାଗାର ପାରିପାର୍ଶ୍ୱିକ ଅଞ୍ଚଳରେ ତା'ର ପରିଯୋଜନା ଯଥା ପାନୀୟ ଜଳ, ଶିକ୍ଷା, ଦକ୍ଷତା ବିକାଶ, ଯୁବ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ସେବା, ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ, ପରିବେଶ ସଂରକ୍ଷଣ, ଆତ୍ମନିଯୁକ୍ତି, ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ସହାୟତାରେ ନିବେଶ କରିଆସୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ପାରାଦୀପ ତୈଳ ବିଶୋଧନାଗାର ତାର ସିଏସଆର ଓ କର୍ପୋରେଟ ପରିବେଶ ଦାୟିତ୍ୱ (ସିଇଆର) ଅଧୀନରେ ୫୪,୫୫ କୋଟି ଟଙ୍କା ବ୍ୟୟ କରିଛି।

# ରାସ୍ତା ନିର୍ମାଣ କଲେ ଗାଁ ଲୋକେ

**ଜୟପୁର, ୧୩।୬ (ସ୍ୱାଧିକାର ନ୍ୟୁଜ):** ଗାଁର ଛୋଟରୁ ବଡ଼ ସମସ୍ତେ ଏକାଠି ହୋଇଛନ୍ତି। କିଏ ଟ୍ରାକ୍ଟର ସାହାଯ୍ୟରେ ମାଟି ଆଣି ଢାଳୁଛି ତ ଆଉ କିଏ ହାତରେ କୋଡ଼ି କୋଦାଳ ଧରି ମାଟି ବିଛାଉଛି। ସମସ୍ତେ ମିଶି ନିଜ ରାସ୍ତା ନିଜେ ତିଆରି କରୁଛନ୍ତି। କାରଣ ଏଠାରେ ୨ ମାସ ତଳେ ମନେରେଗା ଯୋଜନରେ ନିର୍ମାଣ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ଏଣୁ ଗାଁ ଲୋକେ ନିଜସ୍ୱ ଖର୍ଚ୍ଚରେ ରାସ୍ତା ନିର୍ମାଣ କଲେ। ଏ ଦୃଶ୍ୟଟି ହେଉଛି କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ବାଲିଗାଁର। ଏହି ପଂଚାୟତର ଚାରି ଖଣ୍ଡ ଗ୍ରାମବାସୀ ମିଶି ନିଜସ୍ୱ ଖର୍ଚ୍ଚରେ ନିର୍ମାଣ କରୁଛନ୍ତି ରାସ୍ତା କ୍ଷ ବାଲିଗାଁ ଠାରୁ କଦମଗୁଡା ୩ କିଲୋମିଟର ଏବଂ ବାଲିଗାଁ ଠାରୁ ମନ୍ତ୍ରୀଗୁଡା ୩ କିଲୋମିଟର ମୋଟରେ ପ୍ରାୟ ୬ କିଲୋମିଟର ରାସ୍ତା ନିର୍ମାଣ କରିଛନ୍ତି। ଦୀର୍ଘ ବର୍ଷର ସମସ୍ୟାକୁ ନେଇ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ବହୁବାର ଦାବି ପରେ ପଞ୍ଚାୟତ ପକ୍ଷରୁ ମନେରେଗା ଯୋଜନାରେ ଦୁଇ ମାସ ତଳେ ମାଟି ରାସ୍ତା ନିର୍ମାଣ କରାଯାଇଥିଲା, କିନ୍ତୁ ବର୍ଷା ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଣୁ ବାଧ ହୋଇ ଆଜି ପଂଚାୟର କଦମଗୁଡା, ବରେଇଗୁଡା, ମନ୍ତ୍ରୀଗୁଡା, ଖପରାପୁଟର ଗାଁ ଲୋକେ ମିଶି ନିଜସ୍ୱ ଖର୍ଚ୍ଚରେ ରାସ୍ତା ନିର୍ମାଣ କରିଛନ୍ତି। ଏବେ ପକ୍କା ରାସ୍ତା ପାଇଁ ଦାବୀ ଉଠିଛି। ସ୍ଥାନୀୟ ସରପଂଚ ଗରର୍ଦ୍ଧନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମନରେଗା ଯୋଜନାରେ କଲଭର୍ଟ ସହ ରାସ୍ତା ନିର୍ମାଣ ପାଇଁ ୬ ଲକ୍ଷ ଟଙ୍କା ଥିଲା। ଏ ଘଟଣାର ତଦନ୍ତ କରିବା ସହ ପକ୍କା ରାସ୍ତା ପାଇଁ ଜିଲ୍ଲାପାଳଙ୍କୁ ଇଣାଇବେ ବୋଲି କହିଛନ୍ତି।

# ଡାଇରିଆ ନିୟନ୍ତ୍ରଣ ଦାବିରେ ଏସ୍‌ୟୁସିଆଇର ବିକ୍ଷୋଭ

**ଯାଜପୁର, ୧୩।୬ (ସ୍ୱାଧିକାର ନ୍ୟୁଜ):** ଆଜି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁର ଜିଲ୍ଲାରେ ଧର୍ମଶାଳା, ବଡ଼ଚଣା, ଯାଜପୁର, କୋରାଇ, ଦାନଗଦି, ସୁକିନ୍ଦା, ବରୀ, ବିଞ୍ଝାରପୁର, ମଙ୍ଗଳପୁର ପ୍ରଭୃତି ବ୍ଲକରେ ଝାଡ଼ା ବାନ୍ତିରେ ସଂକ୍ରମିତ ଶହ ଶହ ଲୋକମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉନ୍ନତମାନର




ଚିକିତ୍ସା ଯୋଗାଇ ଦେବା, ସଂକ୍ରମିତ ଅଂଚଳରେ ପର୍ଯ୍ୟାପ୍ତ ପରିମାଣରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମୀ ରଖି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା, ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ଦିବାରାତ୍ର ଚିକିତ୍ସା ଯୋଗାଇ ଦେବା, ସଂକ୍ରମିତ ଅଂଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା, ମୃତକଙ୍କ ପରିବାରକୁ ପର୍ଯ୍ୟାପ୍ତ ପରିମାଣରେ ଆର୍ଥିକ ସହାୟତା ଦେବା ଏବଂ ପ୍ରୟୋଜନ ମୁତାବକ ସମସ୍ତ ଘରକୁ ହେଲୋଜେନ ବଟିକା ଓ ବ୍ଲିଚିଙ୍ଗ ପାଉଡର ଯୋଗାଇ ଦେବା ପ୍ରଭୃତି ଦାବିରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏସ୍‌ୟୁସିଆଇ (ସି) ଯାଜପୁର ଜିଲ୍ଲା କମିଟିର ସଂପାଦକ କମ୍ରେଡ଼ ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ କମ୍ରେଡ଼ ରାଧାବଲ୍ଲଭ ମଲ୍ଲିକ, ସୁଲୋଚନା ପ୍ରଧାନ, ନିରୁପମା ବେହେରା, ପ୍ରଭାତି ମଲ୍ଲିକ ପ୍ରଭୃତି ଏ.ଡି.ଏମ୍ ଓ ସି.ଡି.ଏମ୍.ଓ ଙ୍କୁ ଏକ ୫ ଦଫା ଦାବୀ ସମ୍ବଳୀତ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା କମିଟି ସଭ୍ୟ କମ୍ରେଡ଼ ସୁବାସ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପତିବାଦ ସଭାରେ ତରଙ୍ଗୀଣୀ ଦାସ, ଅଭିମନ୍ୟୁ ମଲ୍ଲିକ, ଅକ୍ଷୟ ପଣ୍ଡା, ମନୋଜ ସେଠୀ, ଚୈତନ୍ୟ ସାହୁ, ଲବଙ୍ଗଲତା ଯେନା, ମାଧବୀ ମଲ୍ଲିକ, ରାଶ୍ରୀ ମହାନ୍ତି, ମଧୁସୁଦନ ସେଠୀ, ନିଗମାନନ୍ଦ ଦାସ, ପଲ୍ଲୀ ମଲ୍ଲିକ, ଅଶୋକ ସାହୁ, ମମତା ସେଠୀ, ପ୍ରଭୃତି ବକ୍ତାମାନେ ଚିକିତ୍ସାରେ ଅବହେଳା ଓ ପ୍ରଶାସନିକ ନିଷ୍କ୍ରିୟତା ଫଳରେ ରୋଗୀମାନେ ମୃତ୍ୟୁ ହୋଇଛି ବୋଲି ଦୃଢ଼ ନିନ୍ଦା କରିଥିଲେ।

# ଝିଆରୀକୁ ଦୁଷ୍କର୍ମ ଉଦ୍ୟମ କରି ବଡବାପା ଗିରଫ

**କାକଟପୁର /ଅସ୍ତରଙ୍ଗ, ୧୩।୬ (ସ୍ୱାଧିକାର ନ୍ୟୁଜ):** ଲଜ୍ଜାର ସୀମା ଟପିଛି। ମନୁଷ୍ୟ ନିଜର ମୂଲ୍ୟବୋଧକୁ ହୃଦୟଙ୍ଗମ କରିପାରୁ ନାହିଁ। ଏପରିକି ବଡ଼ ବାପା ମଧ ସମ୍ପର୍କ ଭୁଲିଯାଇ ଝିଆରୀକୁ ଦୁଷ୍କର୍ମ କରିବାକୁ ପଛାଉ ନାହିଁ। ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ୨ ବର୍ଷ ୬ମାସର ନାବାଳିକା ଝିଆରୀ ଖେଳୁଥିବା ବେଳେ ବୁଧବାର ସନ୍ଧ୍ୟାରେ ଏକୁଟିଆ ସୁଯୋଗ ଦେଖି ତାର ବଡ଼ ବାପା ମନ୍ଦ ଉଦ୍ଦେଶ୍ୟ ରଖି ନିଜ ଘରକୁ ନାବାଳିକା ଝିଆରୀକୁ ଡାକିଥିଲା। ଖଟ ଉପରେ ତା'ର ଡ୍ରେସ ଖୋଲି ନିଜେ ବଡ଼ ବାପା ଉଲଗ୍ନ ହୋଇ ନାବାଳିକା ଝିଆରୀକୁ ଜାବୁଡି ଧରିବାରୁ ସେ କାନ୍ଦିଥିଲା। କାନ୍ଦ ଶୁଣି ଝିଅର ମା' ସେଠାରେ ପହଞ୍ଚି ଝିଅକୁ ଉଦ୍ଧାର କରିଥିଲା। କିନ୍ତୁ କ୍ଷମା ପ୍ରାର୍ଥନା କରିଥିଲା ଅଭିଯୁକ୍ତ। କାକଟପୁର ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ବାଙ୍ଗୁରିଗାଁ ଅଞ୍ଚଳର ନବ କିଶୋର ସାହୁଙ୍କୁ ଗିରଫ କରିଛି କାକଟପୁର ଥାନା ପୋଲିସ। କାକଟପୁର ଥାନା କେଶ ନମ୍ବର ୧୪୩/୨୫ ସହ ପୋକ୍ସୋ କୋର୍ଟ ପୁରୀକୁ ଚାଲାଣ କରାଯାଇଛି।

# ଲୁଣି ମହାବୀର କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର



**ଢେଙ୍କାନାଳ, ୧୩।୬ (ସ୍ୱାଧିକାର ନ୍ୟୁଜ):** ଢେଙ୍କାନାଳ ଜିଲା ଓଡାପଡା ବ୍ଲକ୍ ଅନ୍ତର୍ଗତ ଲୁଣି ଗ୍ରାମର ମହାବୀର କ୍ଲବ୍ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମହାବୀର କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରିୟବ୍ରତ ଦାଶ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଶିବିରରେ ୧୧୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ଲବ୍‌ର ସଭାପତି ଦେବେନ୍ ପ୍ରଧାନ, ଚନ୍ଦନ ସାହୁ, ସୁବାଷ କୁମାର ପ୍ରଧାନ, ପ୍ରତାପ ବେହେରା, ପ୍ରକାଶ ବେହେରା, ପ୍ରଦୀପ କୁମାର ସାହୁ, ଅକ୍ଷୟ କୁମାର ସାହୁ, ବିକ୍ରମ ସାହୁ, ରତ୍ନାକର ସାହୁ, ରାକେଶ ସାହୁ, କମଳକାନ୍ତ ବେହେରା, ମନୋଜ କୁମାର ସାହୁ, କାର୍ତିକ ମହାରଣା, ଶଶିକାନ୍ତ ବେହେରା, ଚିନ୍ମୟ ଓଝା, ପରେଶ କୁମାର ସାହୁ, ସିପୁ ସାହୁ, ପ୍ରଶାନ୍ତ କୁମାର ସାହୁ, ବିକାଶ କୁମାର ସାହୁ, ସୁରେଶ ନାଥ, ଆଲୋକ ସାହୁ, ପ୍ରଦ୍ୟୁମ୍ନ ସାହୁ, ସନ୍ତୋଷ କୁମାର ସାହୁ, ସୁବାଷ ନାଥ, ଦିଲ୍ଲୀପ କୁମାର ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ରକ୍ତ ଭଣ୍ଡାର ପରମାନନ୍ଦ ପଣ୍ଡା, ଲାବୋରଟୋରୀ ଟେକ୍ନିସିଆନ୍ ରାକେଶ କୁମାର ବେହେରା, ଅଭିମନ୍ୟୁ ସାହୁ, ବିନୋଦିନୀ ଯୋଗାଣିଆ ଓ ତପନ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିର ଢେଙ୍କାନାଳ ବଜରଙ୍ଗ କ୍ଲବ୍‌ର ସହାୟତାରେ ଅନୁଷ୍ଠିତ ହୋଇଥିଲା।

# ବନ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

**ମାଲକାନଗିରି, ୧୩।୬ (ସ୍ୱାଧିକାର ନ୍ୟୁଜ):** ବନ୍ୟାବାତ୍ୟାର ମୁକାବିଲା ପାଇଁ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଟେବୁଲ୍ ଟପ୍ ଏକସରସାଇଜ ଏବଂ ମକଡ୍ରିଲ ନିମନ୍ତେ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୧୮ ତାରିଖ ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ଏବଂ ଅପରାହ୍ନରେ ବ୍ଲକ୍ ଏବଂ ପୌରାଞ୍ଚଳସ୍ତରରେ ଟେବୁଲ୍ ଟପ୍ ଏକସରସାଇଜ ଏବଂ ୧୯ ତାରିଖରେ ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ନିମନ୍ତେ ଏହି ବୈଠକରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଓ ଜରୁରୀକାଳୀନ ବିଭାଗ ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ବେହେରା ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ତହସିଲଦାର, ଅଗ୍ନିଶମ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, କୃଷି, ସ୍ୱାସ୍ଥ୍ୟ ସମେତ ଅନ୍ୟାନ୍ୟ ବିଭାଗ ଉପସ୍ଥିତ ଥିଲେ। ଏହି ବୈଠକକୁ ଆୟୋଜନ କରିବାରେ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ସହଯୋଗ କରିଥିଲେ।

# ଯାଜପୁର ଜିଲ୍ଲାରେ ରଜ ଛୁଟି ବାତିଲ

**ଯାଜପୁର, ୧୩।୬ (ସ୍ୱାଧିକାର ନ୍ୟୁଜ):** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାରେ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ ନିମନ୍ତେ ଆଭାସୀ ମାଧ୍ୟମରେ ପ୍ରତିସଂକ୍ରମଣକୁ ଅଧିକ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାବିତ ଅଞ୍ଚଳରେ ପ୍ରତ୍ୟେକ ଗାଁରେ ଜଳଉତ୍ସ କୂଅ, ନଳକୂପ, ପାଇପ ୱାଟର ସପ୍ଲାଏ ଓଭର ହେଡ୍ ଟାଙ୍କି ଗୁଡ଼ିକୁ କ୍ଲୋରିନେସନ୍ କରିବା, ବ୍ଲିଚିଂ ପାଉଡର ପକାଇ ପ୍ରତିସଂକ୍ରମଣ କରିବା ପାଇଁ ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଜନସ୍ୱାସ୍ଥ୍ୟ, ବିଡିଓ ନିର୍ବାହୀ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚାୟତ ସ୍ତରରେ ନିର୍ବାହୀ ଅଧିକାରୀମାନେ ଖାଇବା, ରାନ୍ଧିବା ଓ ପିଇବା ପାଇଁ ବ୍ୟବହାର ହେଉଥିବା ଜଳଉତ୍ସ ଗୁଡ଼ିକ ଯେପରି ଉପଯୁକ୍ତ ଭାବେ ଡିସ୍‌ଇନଫେକ୍ସନ୍ କରାଯାଇଛି କି ନାହିଁ ତାହା ସୁନିଶ୍ଚିତ କରାଇବେ। ଅଧିକ୍ଷଣ ଯନ୍ତ୍ରୀ, ଆରଡବ୍ଲ୍ୟୁଏସଏସ ପ୍ରତି ବ୍ଲକ୍ ପଏଣ୍ଟରେ ବ୍ଲିଚିଂପାଉଡର ପହଞ୍ଚାଇବେ, ବିଡିଓମାନେ ଅପରାହ୍ନ ସୁଦ୍ଧା ସମସ୍ତ ଗ୍ରାମପଞ୍ଚାୟତ ଓ୍ୱାରୀ ବଣ୍ଟନ କରିବେ, ଗୋଟିଏ ଦିନ ଅନ୍ତରରେ ସମସ୍ତ ଜଳଉତ୍ସ ଗୁଡିକ ପ୍ରତିସଂକ୍ରମଣ କରାଯିବ। ୪/୫ଟି ପଞ୍ଚାୟତକୁ ନେଇ ଜଣେ ଜଣେ ନୋଡାଲ ଅଫିସର ଏହି କାର୍ଯ୍ୟକୁ ତଦାରଖ କରିବେ। ଏହି କାର୍ଯ୍ୟରେ ପଞ୍ଚାୟତ ପ୍ରତିନିଧି ଓ ସରପଞ୍ଚମାନଙ୍କୁ ବିଡିଓମାନେ ସଂପୃକ୍ତ କରାଇବେ। ସମସ୍ତ ସରକାରୀ

**ଉଦବେଗଜନକ ସ୍ଥିତିରେ ହଇଜା ସଂକ୍ରମଣ**

ଓ ଘରୋଇ ଜଳଉତ୍ସଗୁଡ଼ିକ ବିଶୁଦ୍ଧିକରଣ କରାଯିବ। ଏ ସମ୍ପର୍କରେ ଜନସାଧାରଣଙ୍କୁ ଡାକବାଜୀ ଯନ୍ତ୍ର ମାଧ୍ୟମରେ ସଚେତନ କରାଇବେ। ପାଣିକୁ ଫୁଟାଇ ଛାଣି ପିଇବା , ବାସିପଚାଷଢ଼ା ପନିପରିବା, ମାଛ ବିକ୍ରୀ ଉପରେ ଏନଫୋର୍ସ କରିବା ପାଇଁ ତହସିଲଦାରମାନେ ପଦକ୍ଷେପ ଗ୍ରହଣ କରିବେ। ଆଶା ଅଙ୍ଗନବାଡ଼ି କର୍ମୀ, ଏଏନ୍‌ଏମ୍‌ମାନେ ସ୍ୱାସ୍ଥ୍ୟ ପରାମର୍ଶ ସଂପର୍କରେ ଘରକୁ ଘର ଯାଇ ସଚେତନ କରାଇବେ, ମୋବାଇଲ ହେଲଥଟିମ୍ ସମ୍ବେଦନଶୀଳ ଅଞ୍ଚଳରେ ପହଞ୍ଚି ଚିକିତ୍ସା ସୁବିଧା ଯୋଗାଇ ଦେବେ। ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାରହିଛି। ଆସନ୍ତା ୧୮ ତାରିଖରେ ବିଦ୍ୟାଳୟ ଗୁଡ଼ିକ ଖୋଲୁଥିବାରୁ ପ୍ରତ୍ୟେକ ବିଦ୍ୟାଳୟ ପରିସର ଓ ଆବାସିକ ବିଦ୍ୟାଳୟରେ ଥିବା ଜଳଉତ୍ସ ଗୁଡ଼ିକ ବିଶୁଦ୍ଧିକରଣ କରାଯିବ। ମୁଖ୍ୟ ଚିକିତ୍ସାଳୟରେ ୧୧୨ଜଣ ରୋଗୀଥିବାବେଳେ ଗତରାତିରେ ୧୮ଜଣ ନୂଆ ରୋଗୀ ଭର୍ତ୍ତି ହୋଇଛନ୍ତି। ଯାଜପୁର ଟାଉନ ଓ ବ୍ୟାସନଗର ପୌରାଞ୍ଚଳରେ ଥିବା ହୋଟେଲ ମିଷ୍ଟାନ୍ନ ଭଣ୍ଡାର ଗୁଡ଼ିକ ଯାଞ୍ଚ କରାଯାଇ ବାସୀ ଖାଦ୍ୟ ବିକୁଥିବା ଦୋକାନକୁ ସିଲ କରାଯିବ। ଯାଜପୁର ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତି ଭବନରେ ହେବ ସମ୍ବଲପୁରୀ ନୃତ୍ୟ

**ସମ୍ବଲପୁର, ୧୩।୬ (ସ୍ୱାଧିକାର ନ୍ୟୁଜ):** ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଓଡ଼ିଶାର ରଜପର୍ବ ଉତ୍ସବ ଧୂମଧାମରେ ପାଳିତ ହେବ। ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଭଳିସ୍ଥଳେ ସମ୍ବଲପୁରର 'ଉକିଆ' ଅନୁଷ୍ଠାନର ୧୫ଜଣ ଲୋକନୃତ୍ୟ କଳାକାର ପୂର୍ବାଂଚଳ ସାଂସ୍କୃତିକ କେନ୍ଦ୍ର ଦ୍ୱାରା ପ୍ରଯୋଜିତ ହୋଇ ଗୁରୁ ରଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ ବୁଧବାର ସକାଳେ ଟ୍ରେନ୍ ଯୋଗେ ଦିଲ୍ଲୀ ଯାତ୍ରା କରିଛନ୍ତି। ଏଥିରେ ମନୋଜ ପ୍ରଧାନ, ପବିତ୍ର ପ୍ରଧାନ, ନିତିଶ କୁମାର ଗୁରୁ, ରାଜୀବ ମେହେର, ରଞ୍ଜନ କୁମାର ପଟ୍ଟନାୟକ, ଦିପାଳୀ ଚୌଧୁରୀ, ଜି. ସିମରନ୍ ଆଚାର୍ଯ୍ୟ, ପ୍ରମିଳା ତାଣ୍ଡି, ରାଖୀ ଦୀପ, ପାୟଲ ତ୍ରିପାଠୀ, ସ୍ୱରୂପା ସିଂ, ଦିବ୍ୟରାଣୀ ବିଶି, ଚେତନାମୟୀ ବେହେରା, ପ୍ରତୀକ୍ଷା ଦାଶ ପ୍ରମୁଖ ସାମିଲ ଅଛନ୍ତି।

# ପଦାରେ ପଡିଲା ବଡ଼ଚଣା ବିଜେଡି ଗୋଷ୍ଠୀ କନ୍ଦଳ

**ବଡ଼ଚଣା, ୧୩।୬ (ସ୍ୱାଧିକାର ନ୍ୟୁଜ):** ଦୀର୍ଘ ବର୍ଷ ହେବ ବଡଚଣାରେ କଂଗ୍ରେସ କ୍ଷମତା ହାସଲ କରିବାରେ ବିଫଳ ହେବା ପରେ ଅନେକ ଆଗ ଧାଡିର ନେତୃତ୍ୱ, ଭାଜପା ଓ ବିଜେଡି ଦଳରେ ସାମିଲ ହୋଇ ସାରିଛନ୍ତି। କିଛି ଦିନ ପୂର୍ବେ କଂଗ୍ରେସ ସଂଗଠନ ଦାୟିତ୍ୱ ଗ୍ରହଣ କରି ବ୍ଲକ ଘେରାଉ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଥିବା ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ରଙ୍କ ପୁଅ ରାଜନାରାୟଣ ମହାପାତ୍ର ଗତ ସାଧାରଣ ନିର୍ବାଚନ ପୂର୍ବରୁ ହଠାତ କଂଗ୍ରେସ ହାତ ଛାଡି ଟିକେଟ ଆଶାରେ ବିଜେଡିରେ ଯୋଗଦାନ କରିଥିଲେ। ଶେଷରେ ତାଙ୍କ ଆଶା ଆଶାରେ ରହିଗଲା। ଏଠାରେ ଜଣେ ବାହାର ପ୍ରାର୍ଥୀଙ୍କୁ ନିର୍ବାଚନ ଲଢିବାକୁ ଦଳ ଟିକେଟ ଦେଲା। ଅନେକ ଛାମୁଆ ନେତୃତ୍ୱ ସହ ବିପୁଳ ଅର୍ଥ ବିନିଯୋଗ ପରେ ବି ଦଳ ପରାଜିତ ହେଲା। ନିର୍ବାଚନ ଲଢୁଥିବା ନେତ୍ରୀ ବର୍ଷା ପ୍ରିୟଦର୍ଶନୀ ଏବଂ ଅନ୍ୟ କିଛି ନେତୃତ୍ୱ ବଡଚଣାରୁ ଉଭାନ ହୋଇଗଲେ। ଶେଷରେ ଦଳ ଚଳାଇବାକୁ କେହି ଆଗଭର ନ ହେବାରୁ କଂଗ୍ରେସରୁ ଆସି ନୂଆ ନୂଆ ବିଜେଡି ହୋଇଥିବା ରାଜ ନାରାୟଣ ଦଳର କୌଣସି ପଦବୀରେ ନଥାଇ ବଡଚଣାରେ ନେତୃତ୍ୱ ଭାର ସମ୍ଭାଳିବାକୁ ଆଗଭର ହୋଇଗଲେ। ଏଥିରେ କିଛି ପୁରୁଣା ନେତୃତ୍ୱ ତାଙ୍କ ସହ ରହିଥିବା ବେଳେ ନୂତନ ନେତୃତ୍ୱ ତାଙ୍କୁ ଆଦୌ ଗ୍ରହଣ କରିପାରିଲେ ନାହିଁ। ଦଳର ସଭ୍ୟ ସଂଗ୍ରହ ପାଇଁ ଆସିଥିବା ବହି କେହି ଗ୍ରହଣ ନକରିବାରୁ ପୁରୁଣା ବିଜେଡି ଅଫିସରେ ସେ ସବୁ ଉଇ ଖାଇଗଲା। ସଭ୍ୟ ସଂଗ୍ରହ ହୋଇନଥିବା ବେଳେ ପୂର୍ବରୁ କଂଗ୍ରେସ ଦଳ କାର୍ଯାଳୟ ଚାଲୁଥିବା ରାଜୀବ କଲଚରାଲ ସେଣ୍ଟରରେ କିଛି ହାତ ଗଣତି ପୁରୁଣା ବିଜେଡି ଓ କଂଗ୍ରେସ କର୍ମୀଙ୍କ ପରାମର୍ଶରେ ବ୍ଲକ ସଭାପତିଙ୍କ ସହ ୩୨ ଉପଦେଷ୍ଟା, ୩୦ରୁ ଉର୍ଦ୍ଧ୍ୱ ସମ୍ପାଦକ, ଉପସଭାପତି ସହ ପଞ୍ଚାୟତ ସଭାପତି ନାମ ଅଗଣତାନ୍ତ୍ରିକ ଭାବେ ଘୋଷଣା କରିଦିଆଗଲା ଯାହାକୁ ନେଇ ବିଭିନ୍ନ ପଞ୍ଚାୟତରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ଅନୌପଚାରିକ କମିଟି ଗଠନ ଦୀର୍ଘ ଦିନ ପରେ ବୁଧବାର ଦିନ ଚଣ୍ଡିଖୋଲ ସ୍ଥିତ କଲ୍ୟାଣ ମଣ୍ଡପଠାରେ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ ହୋଇଥିଲା। କମିଟିରେ ସ୍ଥାନ ପାଇଥିବା ଅନେକ ନେତୃତ୍ୱ, ପଞ୍ଚାୟତ ସଭାପତି, ସରପଞ୍ଚ, ସମିତି ସଭ୍ୟ, ୫ରୁ ୪ ଜିଲ୍ଲାପରିଷଦ ସଭ୍ୟ, ସଭ୍ୟା, ବ୍ଲକ ଅଧକ୍ଷ ମୀନତି ସେନାପତି ଓ ଉପାଧକ୍ଷ ବିଭାଷ ଚନ୍ଦ୍ର ନନ୍ଦ ଏହି କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ। ଏଥିସହ ନିର୍ବାଚନ ମୁଖ୍ୟଦାୟିତ୍ୱ ଗ୍ରହଣ କରିଥିବା ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ଏଥିରେ ଯୋଗ ନ ଦେବା ବିଜେଡିର ଫାଟ ଜଳ ଜଳ ଦିଶିବା ସହ ଆଗାମୀ ଦିନରେ କଂଗ୍ରେସ ନେତାଙ୍କ ହାତରେ ଦଳ ନେତୃତ୍ୱ ଦେବା ମହଙ୍ଗା ପଡିବ ବୋଲି ବୈଠକକୁ ଆସିନଥିବା କିଛି ଛାମୁଆ ନେତୃତ୍ୱ ଖୋଲା ଆହ୍ୱାନ ଦେଉଥିବା ଶୁଣିବାକୁ ମିଳୁଛି।

## ବେଗୁନିଆ ବ୍ଲକରେ ପଞ୍ଚାୟତ ସମିତି ସାଧାରଣ ଅଧିବେଶନ

**ବେଗୁନିଆ, ୧୩।୬ (ସ୍ୱାଧିକାର ନ୍ୟୁଜ):** ସାଧାରଣ ନିର୍ବାଚନକୁ ଗୋଟିଏ ବର୍ଷ ପୁରିଛି। କିନ୍ତୁ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଏବେବି ବିଜେଡି – ବିଜେପି ମଧ୍ୟରେ ରାଜନୈତିକ ଛକାପଞ୍ଝା ଜାରି ରହିଛି। ବିଶେଷକରି ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଣ୍ଡ ପୁରେଇବା ଦିନଠୁ ଉଭୟ ଦଳ ମଧ୍ୟରେ ତୁ ତୁ ମେ ମେ ବଢ଼ିବାରେ ଲାଗିଛି। ବୁଧବାର ସପ୍ତମ ପଞ୍ଚାୟତ ସମିତି ଅଧିବେଶନ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏଥିରେ ଖୋର୍ଦ୍ଧା ବିଧାୟକଙ୍କୁ ପ୍ରତିନିଧି ଭାବେ ସାଂସଦ ମନୋନୀତ କରିଥିବା ଜଣାପଡ଼ିବା ପରେ ବିଜେଡି ଦଳ ମଧ୍ୟରେ ଉଷ୍ମତା ବଢ଼ିଥିଲା। ଆଜି ନିର୍ଦ୍ଧାରିତ ସମୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ନିଜର ସମର୍ଥକଙ୍କ ସହ ବାଜା ଓ ବାଣ ଫୁଟାଇ ବ୍ଲକ ମଧ୍ୟକୁ ପ୍ରବେଶ କରିଥିଲେ। ସେପଟେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ପୋଷ୍ଟ ଅଫିସ ଛକରୁ ଶହ ଶହ ସମର୍ଥକଙ୍କ ଗ୍ରହଣରେ ପଦଯାତ୍ରାରେ ବାହାରି ବିଜେଡି ଦଳର ଜୟ ଜୟକାର କରି ବ୍ଲକ ରେ ପହଞ୍ଚିଥିଲେ। ଉତେଜନା କୁ ଦୃଷ୍ଟିରେ ରଖି କେବଳ ନିର୍ବାଚିତ ପ୍ରତିନିଧିଙ୍କୁ ବ୍ଲକ କାର୍ଯ୍ୟାଳୟକୁ ଛାଡିଥିଲା ପୋଲିସ। ସେପଟେ ପ୍ରାୟ ସରପଞ୍ଚ ସମିତି ବେକରେ ଶଙ୍ଖ ଚିହ୍ନ ଉତ୍ତରୀୟ ପକାଇ ସଭାଗୃହରେ ପ୍ରବେଶ କରିଥିବା ଦେଖିବାକୁ ମିଳିଥିଲା। ଅଧିବେଶନ ଆରମ୍ଭରୁ ଗଡ଼ମାଣିତ୍ରି ସରପଞ୍ଚ ଜଣେ ବିଧାୟକ କିପରି ସାଂସଦଙ୍କ ପ୍ରତିନିଧି ହୋଇପାରିବ ସେନେଇ ବିଡ଼ିଓଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ସାରୁଅ ଏବଂ ହୀରାପୁର ସରପଞ୍ଚ ସମର୍ଥନ ଜଣାଇ ପଞ୍ଚାୟତରାଜ ଆଇନରେ କଣବିଧି ବ୍ୟବସ୍ଥା ରହିଛି ବୋଲି ବିଡ଼ିଓଙ୍କ ଠାରୁ ଉତ୍ତର ଚାହିଁଥିଲେ। ସାଂସଦ ଯାହାକୁ ଚାହିଁବେ ତାଙ୍କ ପ୍ରତିନିଧି ଭାବେ ଚୟନ କରିପାରିବେ ବୋଲି ବିଡ଼ିଓ କହିଥିଲେ। ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧକ୍ଷତାରେ ଅଧିବେଶନ କାର୍ଯ୍ୟ ଆରମ୍ଭ ହୋଇଥିଲା। ପଞ୍ଚାୟତ ଉନ୍ନୟନ ଅଧିକାରୀ ଇତିଶ୍ରୀ ବେହେରା ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ପରେ ସାଂସଦ ପ୍ରତିନିଧି ତଥା ଖୋର୍ଦ୍ଧା ବିଧାୟକ ସମ୍ବୋଧନ କରି କହିଲେ ବେଗୁନିଆ-ବୋଲଗଡ଼ ବିକାଶ ପାଇଁ ସାଂସଦ ମତେ ତାଙ୍କର ପ୍ରତିନିଧିତ୍ୱ କରିବାକୁ ଦାୟିତ୍ୱ ଦେଇଛନ୍ତି। ମୁଁ ବେଗୁନିଆର ବାସିନ୍ଦା ଓ ଭୋଟର ହୋଇଥିବାରୁ ବେଗୁନିଆ ପ୍ରତି ମୋର ଦୁର୍ବଳତା ରହିଛି। ବେଗୁନିଆରେ ପିଇବା ପାଣି, ଚାଷକୁ ଜଳ ଓ ଉନ୍ନତ ସ୍ୱାସ୍ଥ୍ୟ ସେବା ସମସ୍ତଙ୍କୁ ଯୋଗାଇ ଦେବାକୁ ମୁଁ କାମ କରୁଛି। ପ୍ରଶାନ୍ତ ଜଗଦେବ ଏଭଳି ମତ ରଖିଥିବା ବେଳେ ଗଡ଼ମାଣିତ୍ରି ସରପଞ୍ଚ ତାଙ୍କ ମତକୁ ସଂକ୍ଷିପ୍ତ କରିବା ପାଇଁ କହିଥିଲେ। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ କହିଥିଲେ ଯାହା ବିକାଶ ହୋଇଛି ତାହା ନବୀନ ସରକାର ସମୟରେ ହୋଇଛି। ଏହାକୁ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ମାନେ ସମର୍ଥନ ଜଣାଇଥିଲେ।

# ବ୍ଲକସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ

**ମୟୂରଭଞ୍ଜ, ୧୩।୬ (ସ୍ୱାଧିକାର ନ୍ୟୁଜ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆୟୋଜିତ ଜାମଦା ବ୍ଲକସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ଜାମଦା କଲ୍ୟାଣୀ ମଣ୍ଡପ ନିକଟରେ ହୋଇଯାଇଛି। ଜାମଦା ବିଡ଼ିଓ, ଜାମଦା ବିଏଓ ତଥା ବିଭିନ୍ନ ସରକାରୀ କର୍ମଚାରୀ, ସରପଞ୍ଚ ସମୂହ, ବିଜେପି କର୍ମୀ ଉପସ୍ଥିତ ଥିଲେ। ରାଜ୍ୟରେ ଡବଲ ଇଞ୍ଜିନ ସରକାର, ଡବଲ ସ୍ପିଡରେ କାମ କରି ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିପାରୁଛି। ଆମ ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଲୋକଙ୍କ ସହିତ ଯୋଡି ହେବାର ପ୍ରୟାସ ବୋଲି ମୁଖ୍ୟ ଅତିଥି ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ ପ୍ରକାଶ କରିଥିଲେ। ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତିକରଣ ସହିତ ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇପାରିଛି।

# ବିଭିନ୍ନ ପଞ୍ଚାୟତରେ ସେବା ଓ ବିକାଶ ବାହାନ ଯାତ୍ରା

**ବଙ୍ଗୋମୁଣ୍ଡା, ୧୩।୬ (ସ୍ୱାଧିକାର ନ୍ୟୁଜ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ସେବା ଓ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅଲଣ୍ଡା ପଞ୍ଚାୟତରେ ଆୟୋଜିତ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ବାଗ, ବିଡ଼ିଓ ବାସନ୍ତୀ ସେଠୀ, ସରପଞ୍ଚ ନିବେଦିତା ବାଗ, ସିନ୍ଧେକେଲା ସମିତିସଭ୍ୟ ଭୋଲାନାଥ ବେହେରା, ସାଂସଦ ପ୍ରତିନିଧି ଅନିଲ ନାଏକ, ବିଧାୟକ ପ୍ରତିନିଧି ଯୌବନ ବାଗ, ଜିପିଡ଼ିଓ ପୁରୁଷୋତ୍ତମ ମାଝୀ, ସରପଞ୍ଚ ପ୍ରତିନିଧି ଯୁବରାଜ ବାଗ, ଏପିଓ ଲକ୍ଷ୍ମଣ ବୁଡେକ, ବିପିଏମ ସତ୍ୟପ୍ରିୟ ବେହେରାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ।

# ବେସରକାରୀ ଅଧାପକ କର୍ମଚାରୀ ସଂଘର ଧାରଣା

**ଢେଙ୍କାନାଳ, ୧୩।୬ (ସ୍ୱାଧିକାର ନ୍ୟୁଜ):** ସମାନ କାମକୁ ସମାନ ଦରମା, ନିର୍ବାଚନୀ ସଂକଳ୍ପ କରି ଭାରତୀୟ ଜନତା ପାର୍ଟି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଶାସନକୁ ଆସିବାର ୧ ବର୍ଷ ପୂର୍ତି ପାଳନ ଅବସରରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ (ଓଏସ୍‌ଏନ୍‌ଏଲ୍‌ଇଏ)ର ଦାବି ୧ ଜୁନ ୨୦୦୮ ରୁ ୧ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ ନକରି ନିଜକୁ ଶିକ୍ଷା ଓ ଶିକ୍ଷକ ବିରୋଧୀ ସରକାର ଭାବେ ପ୍ରମାଣ କରିଛି ବୋଲି ଆଜି ସଂଘର



ରାଜ୍ୟ ସଭାପତି ବିଶ୍ୱରଂଜନ ଦାସଙ୍କ ଆହ୍ୱାନ କ୍ରମେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ସଂଘର ୧୨ଘଂଟିଆ ଶାନ୍ତିପୂର୍ଣ୍ଣ ଧାରଣାରେ ମତ ପ୍ରକାଶ ପାଇଛି। ସଂଘର ଦାବି ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଏବଂ ଅଣଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ୦୧ ଜୁନ ୨୦୦୮ ରୁ ୦୧ ଜୁନ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ସରକାରୀ ଅନୁଦାନ ପରିସରଭୁକ୍ତ କରନ୍ତୁ। ଯଦିବା ସ୍ଥାୟୀ କମିଟି-୪ର ସୁପାରିସ କ୍ରମେ ସରକାର ୨୦୦୮ ରୁ ୨୦୧୮ ଅନୁଦାନ ପ୍ରଦାନ ନିମିତ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ ମାର୍ଚ୍ଚ ୨୦୨୫ ରୁ କମିଟିର ୩ମାସ କାର୍ଯ୍ୟକାଳ ରହିଥିଲେ ମଧ କମିଟି କୌଣସି ନିର୍ଯ୍ୟାସରେ ପହଁଚି ପାରିଲା ନାହିଁ। ବାରମ୍ବାର ମନ୍ତ୍ରୀ, ବିଧାୟକ ଏବଂ ସଚିବ ମାନଙ୍କୁ ଦାବିପତ୍ର ପ୍ରଦାନ ପୂର୍ବକ ଆଲୋଚନା କଲେ ମଧ ଅର୍ଥାଭାବର ଆଳ ଦେଖାଇ ସମସ୍ତେ ସମୟ ଗଡ଼ାଇ ଚାଲିଛନ୍ତି। କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲାର ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ମାଝୀଙ୍କ ନେତୃତ୍ୱରେ ପ୍ରତିକାତ୍ମକଭାବେ ୧୨ ଘଂଟିଆ ଧାରଣା ଜିଲ୍ଲାପାଳଙ୍କ କାଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ତଥା ସୁଧାଂଶୁ ଓଝା, ସୁନିଲ କୁମାର ଦାସ, ଆଶିଷ କୁମାର ପଣ୍ଡା, ନନ୍ଦିନୀ ବାରିକ, ବିକ୍ରମ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ।

# ବିହାର ବିଧାନସଭା ନିର୍ବାଚନ, ଏକା ଲଢିବ ଆପ୍

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ଇଣ୍ଡିମେଣ୍ଟର ଅନ୍ୟତମ ସହଯୋଗୀ ଆମ୍ ଆଦମୀ ପାର୍ଟି (ଆପ୍) ବିହାର ବିଧାନସଭା ନିର୍ବାଚନରେ ଏକୁଟିଆ ଲଢିବ ବୋଲି ସ୍ୱଷ୍ଟ କରିଛି । ଆପର ଆବାହକ ସେରଭ ଭରଦ୍ୱାଜ ପାଟନା ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଦଳ ଏକୁଟିଆ ଲଢିବ ବୋଲି କହିଛନ୍ତି । ସମସ୍ତ ୨୪୩ ଆସନରେ ଦଳ ପ୍ରାର୍ଥୀ ଦେବ ବୋଲି ଘୋଷଣା କରିବା ସହ କୌଣସି ରାଜନେତିକ ଦଳ ସହ ମେଣ୍ଟ କରିବ ନାହିଁ ବୋଲି ସ୍ୱଷ୍ଟ କରିଛନ୍ତି। ଭରଦ୍ୱାଜ କହିଛନ୍ତି, ତାଙ୍କ ଦଳର ପ୍ରଭାରୀ ରାକେଶ ଯାଦବ ଇତିମଧ୍ୟରେ ୭ ପର୍ଯ୍ୟାୟ ଯାତ୍ରାର ଶୁଭାରମ୍ଭ କରିସାରିଛନ୍ତି । ଏହାକୁ ବିହାର ଜନତାଙ୍କ ବିପୁଳ ସମର୍ଥନ ମିଳୁଛି ।



# ସେନ୍ସେକ୍ସରେ ୮୨୩ ପଏଣ୍ଟ ହ୍ରାସ

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ପ୍ରଭାବରେ ଭାରତର ଦୁଇ ଷ୍ଟକ୍ ବଜାର କାରବାର ମାନ୍ଦା ରହିଥିଲା । ନିବେଶକମାନେ ବିଭିନ୍ନ ସଂସ୍ଥାର ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୮୨୩ ପଏଣ୍ଟ ହ୍ରାସ ପାଇ ୮୧,୬୯୧ ପଏଣ୍ଟରେ ବନ୍ଦ ହୋଇଛି । ଏହି ହ୍ରାସ ପ୍ରଭାବରେ ନିବେଶକମାନେ ୭.୧୧ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ବମ୍ବେ ଷ୍ଟକ୍ ବଜାରରେ ତାଲିକାଭୁକ୍ତ ଥିବା କମ୍ପାନୀଗୁଡ଼ିକର ମୋଟ୍ ବଜାର ପୁଞ୍ଜି ପରିମାଣ ୪୪୯.୪୨ ଲକ୍ଷ କୋଟି ଟଙ୍କା ହୋଇଛି । ସେନ୍ସେକ୍ସର ଅଂଶ ଥିବା ୩୦ଟି ସେୟାର ମଧ୍ୟରୁ ୨୭ଟି ହ୍ରାସ ପାଇଥିଲା । ସୂଚନା ପ୍ରଯୁକ୍ତି, ଏଫ୍ଏମ୍ସିଜି, ଧାତବ ଓ ଅଟୋମୋବାଇଲ୍ ସେୟାର ହ୍ରାସ ପାଇଛି । ଟାଟା ମୋଟର୍ସର ସେୟାର ୨.୯୮ ପ୍ରତିଶତ ଓ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ୨.୩୦ ପ୍ରତିଶତ ହ୍ରାସ ପାଇଛି । ଏସିଆରେ ଜାପାନ ଓ ହଂକଂର ଷ୍ଟକ୍ ବଜାର ସୂଚୀ ହ୍ରାସ ପାଇଛି ଓ କୋରିଆର ସୂଚୀ ବୃଦ୍ଧି ପାଇଛି । ସାଂଘାଇ କମ୍ପୋଜିଟ୍ ସୂଚୀ ସ୍ଥିର ରହିଥିଲା । ଆମେରିକାରେ ଡାଓ ଜୋନ୍ ସ୍ଥିର ରହିଥିବା ସହ ନାସ୍ଦାକ୍ କମ୍ପୋଜିଟ୍ ଓ ଏସ୍ଆଣ୍ଡପି ହ୍ରାସ ସହ ବନ୍ଦ ହୋଇଥିଲା ।



# ବୋଇଂର ସେୟାର ମୂଲ୍ୟ ୫% ଖସିଲା

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ବୋଇଂ କମ୍ପାନୀ ଦ୍ୱାରା ନିର୍ମିତ ୭୮୭-୮ ଡ୍ରିମଲାଇନର୍ ବିମାନର ଭୟଙ୍କର ଦୁର୍ଘଟଣା ଅହମଦାବାଦରେ ହେବାର ପ୍ରଭାବ କମ୍ପାନୀର ସେୟାର ମୂଲ୍ୟ ଉପରେ ମଧ୍ୟ ପଡ଼ିଛି । ଆମେରିକାରେ ଏହି କମ୍ପାନୀର ସେୟାର ମୂଲ୍ୟ ଆଜି ୫ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଆମେରିକାର ଏସ୍ ଆଣ୍ଡ୍ ପି ୫୦୦ ସୂଚକାଙ୍କରେ ବୋଇଂ ସେୟାର ମୂଲ୍ୟ ସର୍ବାଧିକ କମିଛି । ବୁଧବାର ଏହି କମ୍ପାନିର ସେୟାର ମୂଲ୍ୟ ୦.୮ ପ୍ରତିଶତ ହ୍ରାସ ଘଟି ୨୧୪ ଡଲାରରେ ରହିଥିଲା । ଦୁଇ ଦିନ ହେଲା ବୋଇଂର ସେୟାର ମୂଲ୍ୟ କମୁଛିୟ ଦୁର୍ଘଟଣା ଖବର ମିଳିବା ପରେ ବୋଇଂ କହିଛି ଯେ, ଆମେ ପ୍ରାରମ୍ଭିକ ରିପୋର୍ଟ ନେଇ ଅବଗତ ଅଛି । ଅଧିକ ସୂଚନା ସଂଗ୍ରହ ପାଇଁ ଉଦ୍ୟମ କରାଯାଉଛି । ଏପଟେ ଭାରତରେ ମଧ୍ୟ ବିମାନସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକର ସେୟାର ଦର ଆଜି ହ୍ରାସ ଘଟିଛି । ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜରେ ଇଣ୍ଡିଗୋର ସେୟାର ମୂଲ୍ୟ ୧୮୭ ଟଙ୍କା ବା ୩.୩୨ ପ୍ରତିଶତ ଖସି ୫୪୪୪ ଟଙ୍କାରେ ରହିଛି । ସେହିଭଳି ସ୍ପାଇସଜେଟର ସେୟାର ମୂଲ୍ୟ ୨.୬ ପ୍ରତିଶତ କମି ୪୪ ଟଙ୍କା ୬୮ ପଇସାରେ ରହିଛି ।

# ଇସ୍ରାଏଲ-ଇରାନ ସଂଘର୍ଷ ଭିତରେ ବାୟୁସୀମା ବନ୍ଦ

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ମୁମ୍ବାଇରୁ ଲଣ୍ଡନ ପାଇଁ ଉଡ଼ାଣ ଭରିଥିବା ବିମାନ ଫେରିଲା। ଇରାନ ଉପରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍ ପରେ ଫ୍ଲାଇଟକୁ ଉଡ଼ାଣର କିଛି ସମୟ ପରେ ଫେରାଇ ଅଣାଯାଇଛି । ଏହା ବିମାନ ମୁମ୍ବାଇର ଛତ୍ରପତି ଶିବାଜୀ ଇଣ୍ଟର ନ୍ୟାସନାଲ ଏୟାରପୋର୍ଟରୁ ଭୋର ୫.୨୦ ମିନିଟରେ ଲଣ୍ଡନ ପାଇଁ ଉଡ଼ାଣ ଭରିଥିଲା । ଇସ୍ରାଏଲ ସେନା ହମଲା କରିବା ପରେ ଇରାନର ଏୟାର ସ୍ପେଶ ବନ୍ଦ ହୋଇଛି । ଯାହା ଫଳରେ ଏୟାର ଇଣ୍ଡିଆର AIC୧୨୯ ବିମାନ ପୁଣି ଥରେ ମୁମ୍ବାଇ ଫେରି ଆସିଛି । ଏହି ବିମାନଟି ଶୁକ୍ରବାର ସକାଳୁ ୧୯ ମିନିଟ୍ ବିଳମ୍ବରେ ଅର୍ଥାତ୍ ୫.୩୯ ମିନିଟରେ ଉଡ଼ାଣ ଭରିଥିଲା । ଇରାନର ଏୟାର ସ୍ପେଶ୍ ବନ୍ଦ ହେବା ପରେ ବିଶ୍ୱର ଅଧିକାଂଶ ଏୟାର ଲାଇନ୍ ନିଜ ବିମାନର ଗତିପଥ ପରିବର୍ତ୍ତନ କରିଛନ୍ତି । ଇରାନ ଓ ଇରାକର ଏୟାର ସ୍ପେଶ୍ ଯିବାକୁ ବଞ୍ଚୁଛନ୍ତି ବିଶ୍ୱର ଅନେକ ଏୟାର ଲାଇନ୍ । ଫ୍ଲାଇଟରାଡାର ୨୪ ତଥ୍ୟ ମୁତାବକ ଇସ୍ରାଏଲ ପକ୍ଷରୁ ଡ୍ରୋନ୍ ଏବଂ ମିସାଇଲ୍ ଆକ୍ରମଣ ହୋଇଥିଲା । ଏହା ପରେ ଏୟାରଲାଇନ୍ସ କମ୍ପାନୀ ମାନେ ଇସ୍ରାଏଲ, ଇରାନ ଓ ଇରାକ ବାୟୁସୀମାରେ ବିମାନ ଉଡ଼ାଣକୁ ରଦ୍ଦ କରିଛନ୍ତି । ବିଭିନ୍ନ ପ୍ରଜନନ ସମସ୍ୟାର ସମାଧାନରେ ଏଆଇର ସାମର୍ଥ୍ୟକୁ ନେଇ ଆଶାବାଦୀ ହୋଇଛନ୍ତି କଲମ୍ବିଆ ବିଶ୍ୱବିଦ୍ୟାଳୟ ପ୍ରଜନନ କେନ୍ଦ୍ରର ନିର୍ଦ୍ଦେଶକ ଓ ଷ୍ଟାର୍ ପ୍ରୋଜେକ୍ଟର ମୁଖ୍ୟ ଡା. ଜେଭ୍ ୱିଲିୟମ୍ସ । ଆଜୋସ୍ପର୍ମିଆର ମୁକାବିଲା ଲାଗି ଷ୍ଟାର୍ ସିଷ୍ଟମ୍ ବିକଶିତ ହୋଇଥିବାବେଳେ ସମାନ ପ୍ରକାର ଏଆଇ ଟେକ୍ନୋଲୋଜି ପ୍ରଜନନ ଚିକିତ୍ସାର ଅନ୍ୟ ଦିଗଗୁଡ଼ିକର ପ୍ରୋତ୍ସାହନ ଲାଗି ଉପଯୋଗ ହୋଇପାରିବ ।



# ଇରାନ-ଇସ୍ରାଏଲ ଯୁଦ୍ଧ ବିଶ୍ୱ ଅର୍ଥନୀତି ପାଇଁ ବିପଦ

ନୂଆଦିଲ୍ଲୀ, ୧୩।୬(ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି। ଇରାନର ପରମାଣୁ କେନ୍ଦ୍ରକୁ ଟାର୍ଗେଟ୍ କରି ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ମଧ୍ୟ ଜବାବୀ ଆକ୍ରମଣ କରିଛି। ଫଳରେ ମଧ୍ୟପ୍ରାଚ୍ୟରେ ବ୍ୟାପକ ଉତ୍ତେଜନା ଆଶଙ୍କା ବଢ଼ି ଯାଇଛି। ତେବେ ଏଥର ପରିସ୍ଥିତି କେବଳ ପଶ୍ଚିମ ଏସିଆ ନୁହେଁ, ବରଂ ଭାରତ ଭଳି ଦେଶଗୁଡ଼ିକୁ ମଧ୍ୟ ପ୍ରଭାବିତ କରିପାରେ। ବିଶ୍ୱରେ ଚିନ୍ତାର କାରଣ ହେଉଛି ଇରାନ ଷ୍ଟ୍ରେଟ୍ ଅଫ୍ ହରମୁଜ୍। ଏହା ଏକ ସଂକୀର୍ଣ୍ଣ କିନ୍ତୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଜଳପଥ, ଯାହା ମାଧ୍ୟମ ଦେଇ ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ସମୁଦ୍ରଜାତ ତୈଳ ପରିବହନ ହେଉଛି ।ପାରସ୍ୟ ଉପସାଗର ଏବଂ ଓମାନ ଉପସାଗରକୁ ସଂଯୋଗ କରୁଥିବା ଏହି ସାମୁଦ୍ରିକ ସଂକୀର୍ଣ୍ଣ ଜଳ ପଥ ବିଶ୍ୱ ଶକ୍ତି ଯୋଗାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଆଉ ଯୁଦ୍ଧ ଯୋଗୁ ଯଦି ଏହି ଜଳପଥ ଅବରୋଧ ହୁଏ ତେବେ ଏହା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିପାରେ। ତୈଳ ମୂଲ୍ୟ ବୃଦ୍ଧି ପାଇପାରେ ଏବଂ ଯୋଗାଣ ଶୃଙ୍ଖଳା ଅବରୋଧି ହୋଇପାରେ, ଯାହା ଭାରତ ସମେତ ବିଶ୍ୱବ୍ୟାପୀ ଶକ୍ତି-ନିର୍ଭରଶୀଳ ଅର୍ଥନୀତିକୁ ପ୍ରଭାବିତ କରିବାର ଅଶଙ୍କା ରହିଛି।

# ବେଆଇନ୍ କାର୍ଯ୍ୟକଳାପ ଦେଖିଲେ ଗୁଳି କର

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ଆସାମର ଧୁବ୍ରି ଜିଲ୍ଲାରେ ବର୍ତମାନ ସମୟରେ ଉଠିଥିବା ସାମ୍ପ୍ରଦାୟିକ ଉତ୍ତେଜନା ପରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ ଏଥର ବକ୍ରିଦରେ କିଛି ଅସାମାଜିକ ଯୁବକ ଧୁବ୍ରିର ହନୁମାନ ମନ୍ଦିରରେ ଗୋମାଂସ ଫିଙ୍ଗି ଏକ ଘୃଣ୍ୟ ଏବଂ ନିନ୍ଦନୀୟ ଅପରାଧ କରିଛନ୍ତି । ସେ କହିଛନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଆମ ମନ୍ଦିର ଗୁଡ଼ିକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ସକ୍ରିୟ ହୋଇଛି, ତେଣୁ ଆମେ ପୋଲିସକୁ ବେଆଇନ କାର୍ଯ୍ୟକଳାପ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦେଇଛୁ। ସେ କହିଛନ୍ତି ଯେ, ଆଗାମୀ ବକ୍ରିଦରେ ଆବଶ୍ୟକ ହେଲେ, ମୁଁ ନିଜେ ସାରା ରାତି ହନୁମାନ ବାବାଙ୍କ ମନ୍ଦିରକୁ ଜଗିବି । ସେ ଏହା ବି ମଧ୍ୟ କହିଛନ୍ତି ଯେ,ଧୁବ୍ରିରେ ଏକ ନୂତନ ଗୋମାଂସ ମାଫିଆ ଦେଖାଯାଇଛି, ଯିଏ ଇଦ୍ ପୂର୍ବରୁ ହଜାର ହଜାର ପଶୁ କିଣିଛି । ତଦନ୍ତ ଚାଲିଛି ଏବଂ ଦୋଷୀ ମାନଙ୍କୁ ଜେଲରେ ରଖାଯିବ । ଆସାମ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ଧୁବ୍ରି ଗସ୍ତ କରି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛି ଯେ ଆମର ମନ୍ଦିର ଏବଂ ପବିତ୍ର ସ୍ଥାନ ଗୁଡ଼ିକୁ ଅପବିତ୍ର କରୁଥିବା ଉପାଦାନ ଗୁଡ଼ିକ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ପାଳନ କରନ୍ତୁ । ସହରର ହନୁମାନ ମନ୍ଦିରରେ ଗୋମାଂସ ଫିଙ୍ଗିବା ଘଟଣା କେବେବି ଘଟିବା ଉଚିତ ନଥିଲା ଏବଂ ଏଥିରେ ଜଡିତ ଲୋକଙ୍କୁ ଛଡାଯିବ ନାହିଁ । ଆମେ ଜିଲ୍ଲାରେ ଆଇନ ଶୃଙ୍ଖଳା ଲାଗୁ କରିବା ଏବଂ ସମସ୍ତ ସାମ୍ପ୍ରଦାୟିକ ଶକ୍ତିକୁ ପରାସ୍ତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ସୂଚନାଥାଉକି, ଗତ ରବିବାର ଆସାମର ଧୁବ୍ରି ସହରରେ ଏକ ମନ୍ଦିର ନିକଟରେ ମାଂସ ଫିଙ୍ଗିବା ବିରୋଧରେ ବିରୋଧ ପ୍ରଦର୍ଶନ ହୋଇଥିଲା, ଯାହା ଯୋଗୁଁ ପରିସ୍ଥିତି ଆହୁରି ଖରାପ ହୋଇଯାଇଥିଲା । ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଲୁହବୁହା ଗ୍ୟାସ ବ୍ୟବହାର କରିବାକୁ ପଡିଥିଲା ।



# ବିମାନ ଦୁର୍ଘଟଣା ତଦନ୍ତ ପାଇଁ ଅହମ୍ମଦାବାଦରେ ଏନଆଇଏ ଟିମ୍

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ଅହମ୍ମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି ଏନଆଇଏ । ଆଜି ବିମାନ ଦୁର୍ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ତଦନ୍ତକାରୀ ଦଳ। ଅହମ୍ମଦାବାଦ ବିମାନ ବନ୍ଦରରୁ ଗତକାଲି ଉଡାଣର କିଛି ସମୟ ପରେ ଦୁର୍ଘଟଣାର ଶିକାର ହୋଇଥିବା ଏୟାର ଇଣ୍ଡିଆର ଫ୍ଲାଇଟ୍ ଏଆଇ-୧୭୧ ଭଗ୍ନାବଶେଷ ପଡ଼ିଥିବା ସ୍ଥାନ ବୁଲି ଦେଖିଛନ୍ତି ଏନଆଇଏ ଅଧିକାରୀ। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଅଧିନରେ ଥିବା ଏୟାର କ୍ରାଫ୍ଟ ଆକ୍ସିଡେଣ୍ଟ ତଦନ୍ତକାରୀ ବ୍ୟୁରୋ ୱିମାନ ଦୁର୍ଘଟଣାର ତଦନ୍ତ କରୁଛି । ସେହିପରି ଗୁଜରାଟ ଏସଟିଏଫ୍ ମଧ୍ୟ ତଦନ୍ତ ଚଳାଇଥିବା ବେଳେ ଏବେ ଏନଆଇଏ ମଧ୍ୟ ତଦନ୍ତରେ ସାମିଲ ହୋଇଛି । କେଉଁ କାରଣରେ ବିମାନ ଦୁର୍ଘଟଣାଗ୍ରସ୍ତ ହେଲା, ବିମାନ ଦୁର୍ଘଟଣା ପଛର କାରଣ କଣ ଏହାର ଖୋଳତାଡ ଚଳାଇଛନ୍ତି ଜାତୀୟ ତଦନ୍ତକାରୀ ସଂସ୍ଥା ।




# ବିନା ଆଧାର ଯାଞ୍ଚରେ ବୁକିଂ ହେବନି ତତ୍କାଳ ଟିକେଟ

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ରେଳ ମନ୍ତ୍ରଣାଳୟର ବଡ଼ ନିଷ୍ପତ୍ତି । ଏଣିକି ଯାତ୍ରୀମାନେ ବିନା ଆଧାର ପ୍ରମାଣପତ୍ର ଯାଞ୍ଚରେ ତତ୍କାଳ ଟ୍ରେନ୍ ଟିକେଟ୍ ବୁକ୍ କରିପାରିବେ ନାହିଁ । ମନ୍ତ୍ରଣାଳୟ ପକ୍ଷରୁ ସ୍ୱଷ୍ଟ କରାଯାଇଛି ଯେ ଟିକେଟ୍ ବୁକିଂ ସମ୍ପର୍କରେ ଏହି ବଡ଼ ପରିବର୍ତ୍ତନ ୧ ଜୁଲାଇ, ୨୦୨୫ରୁ କାର୍ଯ୍ୟକାରୀ ହେବ । ସୂଚନାଯୋଗ୍ୟ ଯେ ନିକଟରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କ ଟ୍ୱିଟର୍ ଆକାଉଣ୍ଟରେ ଏକ ପୋଷ୍ଟ ମାଧ୍ୟମରେ କହିଥିଲେ ଯେ ଏହି ନିୟମଗୁଡ଼ିକ ଶୀଘ୍ର କାର୍ଯ୍ୟକାରୀ ହେବ । ୧୦ ଜୁନ୍ ୨୦୨୫ରେ ରେଳ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ସର୍କୁଲାରରେ ସମସ୍ତ ରେଳ ଜୋନ୍ ସହିତ ସୂଚନା ସେୟାର କରି କୁହାଯାଇଛି ଯେ ସାଧାରଣ ଉପଭୋକ୍ତାମାନେ ଯେପରି ତତ୍କାଳ ଯୋଜନାର ଲାଭ ପାଇପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । କୁହାଯାଇଛି ଯେ ୧ ଜୁଲାଇ ୨୦୨୫ରୁ କେବଳ ଆଧାର ଯାଞ୍ଚ ହୋଇଥିବା ଉପଭୋକ୍ତାମାନେ IRCTC ୱେବସାଇଟ୍ କିମ୍ବା ଆପ୍ ମାଧ୍ୟମରେ ଟିକେଟ ବୁକ୍ କରିପାରିବେ। ଏହାପରେ ୧୫ ଜୁଲାଇ ୨୦୨୫ରୁ ତତ୍କାଳ ବୁକିଂ ପାଇଁ ଆଧାର-ଆଧାରିତ OTP ପ୍ରମାଣୀକରଣକୁ ମଧ୍ୟ ବାଧ୍ୟତାମୂଳକ କରାଯିବ । ଏହା ବ୍ୟତୀତ, ରେଳ ଟିକେଟ୍ ଏଜେଣ୍ଟମାନେ ତତ୍କାଳ ଟିକେଟ୍ ବୁକିଂ ଖୋଲିବାର ୩୦ ମିନିଟ୍ ପୂର୍ବରୁ ଟିକେଟ୍ ବୁକ୍ କରିପାରିବେ ନାହିଁ । ଏହି ସମୟ ଏସି କ୍ଲାସ ପାଇଁ ସକାଳ ୧୦ଟାରୁ ସକାଳ ୧୦.୩୦ ଏବଂ ନନ୍-ଏସି କ୍ଲାସ ପାଇଁ ସକାଳ ୧୧ଟାରୁ ସକାଳ ୧୧:୩୦ପର୍ଯ୍ୟନ୍ତ ରହିବ । ଆପଣଙ୍କୁ କହି ରଖୁଛୁ ଯେ ଜୁନ୍ ୪ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ କହିଥିଲେ ଯେ ଭାରତୀୟ ରେଳ ଖୁବ୍ ଶୀଘ୍ର ତତ୍କାଳ ଟିକେଟ ବୁକ୍ କରିବା ପାଇଁ ଇ-ଆଧାର ପ୍ରମାଣୀକରଣ ବ୍ୟବହାର ଆରମ୍ଭ କରିବ । ତାଙ୍କ ପୋଷ୍ଟରେ ଏହାର ଲାଭ ବିଷୟରେ ବର୍ଣ୍ଣନା କରି ସେ ଲେଖିଛନ୍ତି ଯେ ଏହି ବ୍ୟବସ୍ଥା ମାଧ୍ୟମରେ ଯାତ୍ରୀମାନଙ୍କୁ ଆବଶ୍ୟକତା ସମୟରେ ନିଶ୍ଚିତ ଟିକେଟ ପାଇବାରେ ସାହାଯ୍ୟ କରାଯିବ । ଆଶା କରାଯାଉଛି ଯେ ଏହି ବ୍ୟବସ୍ଥା ଏହି ମାସ ଶେଷ ସୁଦ୍ଧା ଆରମ୍ଭ ହୋଇପାରିବ ।

# ଇରାନ ବିରୋଧରେ ଇସ୍ରାଏଲର ଅପରେସନ ରାଇଜିଂ ଲାୟନ

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ଇରାନ ବିରୋଧରେ ଇସ୍ରାଏଲର ଅପରେସନ ରାଇଜିଂ ଲାୟନ । ଇରାନର ଅନେକ ଆଣବିକା ଓ ସାମରିକ ସ୍ଥଳ ଉପରେ ଜୋରଦାର ହମଲା କରିଛି ଇସ୍ରାଏଲ । ବିଶେଷ କରି ନତାଞ୍ଜସ୍ଥିତ ଇରାନର ପ୍ରମୁଖ ୟୁରାନିୟମ ଏନରିଚମେଣ୍ଟ ସ୍ଥଳ ଉପରେ ବି ହମଲା ହୋଇଛି । ଏହି ହମଲାରେ ଇରାନର ଇସଲାମିକ ରିଭଲୁସନାରୀ ଗାର୍ଡ କର୍ପସ ମୁଖ୍ୟ ମେଜର ଜେନେରାଲ ହୋସେନ ସଲାମିଙ୍କ ପ୍ରାଣହାନି ଘଟିଛି । ହୋସେନଙ୍କ ମୃତ୍ୟୁ ଘଟିଥିବା ସ୍ୱୀକାର କରିଛି ଇରାନ । ଇରାନର ମିଲିଟାରୀ ଷ୍ଟ୍ରାଟେଜି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ହୋସେନ । ଏହା ସହ ଲେବାନନ, ସିରିଆ ଓ ଇରାକରେ ଚାଲିଥିବା ଛାୟାଯୁଦ୍ଧରେ ବି ସେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ । ଦୁଇ ଜଣ ଆଣବିକ ବିଜ୍ଞାନୀ ବି ପ୍ରାଣ ହରାଇଥିବା ସୂଚନା ମିଳିଛି । ଇରାନ ସରକାର ଜାତୀୟ ଶୋକଦିବସ ଘୋଷଣା କରିଛନ୍ତି । ନତାଞ୍ଜ ଆଣବିକ କମ୍ପ୍ଲେକ୍ସ ଇସଫାନ ପ୍ରଜାତନ୍ତ୍ରରେ ପ୍ରାୟ ଏକ ଲକ୍ଷ ବର୍ଗ ମିଟର ସ୍ଥାନରେ ପ୍ରତିଷ୍ଠିତ । ଏହା ସହ ସେଠାରେ ରହିଛି ସହସ୍ରାଧିକ ସେଣ୍ଟ୍ରିଫ୍ୟୁଜ । ଇରାନର ଆଣବିକ କାର୍ଯ୍ୟକ୍ରମ ନେଇ ସର୍ବଦା ଉଦବେଗ ପ୍ରକାଶ କରିଆସିଥିଲା ଇସ୍ରାଏଲ । ଏହି ହମଲାରେ ଆଣବିକ ପ୍ରତିଷ୍ଠାନଗୁଡିକର କ୍ଷୟକ୍ଷତି ନେଇ ସୂଚନା ମିଳିନାହିଁ । କିଛି ଦଶନ୍ଧି ତଳେ ଇରାନର ବହୁଚର୍ଚ୍ଚିତ ଷ୍ଟକ୍ସନେଟ ସାଇବର ଆଟାକ ପରେ ଇସ୍ରାଏଲ ଏହି ହମଲା ହେଉଛି ଇରାନ ଉପରେ ସିଧାସଳଖ ଆକ୍ରମଣ । ବିଗତ ପାଞ୍ଚ ବର୍ଷ ଧରି ଇରାନ ନିଜର ଆଣବିକ କାର୍ଯ୍ୟକ୍ରମ ଚଳାଇଆସିଥିଲା । ଆଣବିକ ଅସ୍ତ୍ର ସକାଶେ ବି ୟୁରାନିୟମ ଏନରିଚମେଣ୍ଟ ଜରିଆରେ ଯୋଜନା କରିଆସୁଥିଲା । ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା ବା IAEAର ସୂଚନା ଅନୁସାରେ ଇରାନ ନିକଟରେ ୬୦ ପ୍ରତିଶତ ଏନରିଚଡ ୟୁରାନିୟମ ରହିଛି । ଯଦି ଏହି ପରିମାଣ ୯୦ ପ୍ରତିଶତ ହେବ ତେବେ ଚାରିଟି ଆଣବିକ ଯୁଦ୍ଧାସ୍ତ୍ର ପ୍ରସ୍ତୁତ ହୋଇପାରିବ । ତେବେ ୟୁରାନିୟମ ଏନରିଚମେଣ୍ଟ ପ୍ରକ୍ରିୟା କେବଳ ବେସାମରିକ ଲାଗି ବ୍ୟବହୃତ ହେଉଛି ବୋଲି କହିଆସୁଥିଲା ଇରାନ । ନତାଞ୍ଜ ଛଡ଼ା ତେହେରାନର ଦକ୍ଷିଣରେ ଥିବା କୋମ୍ ସହରର ଫୋର୍ଦୋରେ ବି ରହିଛି ଆଣବିକ କେନ୍ଦ୍ର । ଫୋର୍ଦୋ ଆଣବିକ କେନ୍ଦ୍ର ଗୋପନୀୟ ଭାବେ ପାହାଡ଼ର ଗଭୀର ସ୍ଥାନରେ ପ୍ରତିଷ୍ଠା ହୋଇଥିଲା । ଏଠାରେ ଏକ ହଜାରରୁ ଅଧିକ ସେଣ୍ଟ୍ରିଫ୍ୟୁଜ ରହିଛି। ଫୋର୍ଦୋରେ ଗତ ୨୦୨୪ରେ ଇରାନ ନିଜର ସେଣ୍ଟ୍ରିଫ୍ୟୁଜ ସଂଖ୍ୟା ଦୁଇଗୁଣ କରିଥିଲା । ଏହି ହମଲା ପରେ ଇରାନ ନିଜର ଏୟାରସ୍ପେସକୁ ବନ୍ଦ କରିଛି । ସେପଟେ ଇରାନର ଆକ୍ରମଣର ଜବାବ ଲାଗି ଏହି ହମଲା କରାଯାଇଛି ବୋଲି କହିଛନ୍ତି ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଜ୍ । ଇରାନ ଉପରେ ଆକ୍ରମଣ ଆସନ୍ନ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ସୂଚନା ଦେବା ପରେ ପରେ ଏହି ହମଲା ହୋଇଛି । ଇରାନ ଉପରେ ହମଲା ନେଇ ଆମର ହାତ ନାହିଁ ବୋଲି କହିଛି ଆମେରିକା । ଇରାନର ଆଣବିକ କାର୍ଯ୍ୟକ୍ରମ ନେଇ ସର୍ବଦା ଆଶଙ୍କା ପ୍ରକାଶ କରିଆସୁଥିଲେ ଆମେରିକା ସମେତ ବହୁରାଷ୍ଟ୍ର । ଇରାନ ଉପରେ ହମଲା ପରେ ଇସ୍ରାଏଲ ନିଜର ସେନାବାହିନୀକୁ ଆଲର୍ଟ କରିଛି । ଦେଶରେ ଜାରି କରାଯାଇଛି ଜାତୀୟ ଜରୁରୀକାଳୀନ ପରିସ୍ଥିତି । ଇରାନର ଆଣବିକ କାର୍ଯ୍ୟକ୍ରମ ନେଇ ଆଶଙ୍କା ପ୍ରକାଶ କରିଆସୁଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ।ମଧ୍ୟପ୍ରାଚ୍ୟରେ ବଡ ଧରଣର ବିବାଦ ମୁଣ୍ଡ ଟେକିବ ବୋଲି ସେ କହିଥିଲେ ।



# ଇରାନର ପରମାଣୁ ବେସ୍ ଉପରେ ପୁଣି ଆକ୍ରମଣ କଲା ଇସ୍ରାଏଲ

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଏବେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି । ଗୋଟିଏ ପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କଡ଼ା ଚେତାବନୀ ଦେଇଥିବା ବେଳେ, ଇସ୍ରାଏଲ ପୁଣି ଥରେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଦେଇଛି । ଇରାନୀ ଗଣମାଧ୍ୟମ ଅନୁଯାୟୀ, ଇସ୍ରାଏଲୀ ସେନା ପୁଣି ଥରେ ଇରାନର ପରମାଣୁ ସ୍ଥାନ ଉପରେ ଆକ୍ରମଣ ଆରମ୍ଭ କରିଛି। ରିପୋର୍ଟ ମୁତାବକ, ଇସ୍ରାଏଲ ପୁଣି ଥରେ ଶିରାଜ ଏବଂ ତାବ୍ରିଜ୍ ସହର ସହିତ ନତାଞ୍ଜ ପରମାଣୁ ସ୍ଥାନ ଉପରେ ଆକ୍ରମଣ ଆରମ୍ଭ କରିଛି ।ଏହା ପୂର୍ବରୁ, ଇସ୍ରାଏଲୀ ସାମରିକ ମୁଖପାତ୍ର ବ୍ରିଗେଡିୟର ଜେନେରାଲ ଏଫି ଡେଫ୍ରିନ୍ କହିଥିଲେ ଯେ, ଇସ୍ରାଏଲୀ ଆକ୍ରମଣରେ ଇରାନର ମୁଖ୍ୟ ପରମାଣୁ ସ୍ଥାନକୁ ବହୁତ କ୍ଷତି ହୋଇଛି । ସେ କହିଥିଲେ ଯେ, ଏହି ଅଭିଯାନ ଅଧିକ ସମୟ ପର୍ଯ୍ୟନ୍ତ ହୋଇପାରେ, ଯାହାର ସଙ୍କେତ ସ୍ପଷ୍ଟ କରୁଛି ଯେ, ଇସ୍ରାଏଲ ଅଟକିବ ନାହିଁ ଏବଂ ଏହା ଇରାନ ଉପରେ ଆହୁରି ଆକ୍ରମଣ କରିବ ।ଶୁକ୍ରବାର ସକାଳୁ ଇସ୍ରାଏଲ ଇରାନର ପରମାଣୁ ସ୍ଥାନ ଏବଂ ସାମରିକ କମ୍ପ୍ଲେକ୍ସ ଉପରେ ଆକ୍ରମଣ କରିବା ପାଇଁ ଅପରେସନ ରାଇଜିଂ ଲାୟନ ଆରମ୍ଭ କରିଥିଲା । ଏହି ଆକ୍ରମଣରେ ଇରାନର ଅନେକ ପ୍ରମୁଖ ସାମରିକ କମାଣ୍ଡର ଏବଂ ପରମାଣୁ ବୈଜ୍ଞାନିକଙ୍କ ମୃତ୍ୟୁ ହୋଇଥିଲା । ନେତାନ୍ୟାହୁ କହିଛନ୍ତି,ଆମେ ଏକ ବହୁତ ସଫଳ ପ୍ରାରମ୍ଭିକ ଆକ୍ରମଣ କରିଛୁ । ଈଶ୍ୱରଙ୍କ ସହାୟତାରେ, ଆମେ ଆହୁରି ଅନେକ ସଫଳତା ହାସଲ କରିବାକୁ ଯାଉଛୁ । ନେତାନାହୁ ଦାବି କରିଥିଲେ, ଆମେ ଇରାନର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମର କେନ୍ଦ୍ର ଉପରେ ଆକ୍ରମଣ କରିଛୁ । ଆମେ ନତାଞ୍ଜରେ ଥିବା ଇରାନର ମୁଖ୍ୟ ସମୃଦ୍ଧି ସୁବିଧାକୁ ଟାର୍ଗେଟ କରିଛୁ। ଆମେ ଇରାନର (ପରମାଣୁ) ବୋମା ଉପରେ କାର୍ଯ୍ୟ କରୁଥିବା ଇରାନର ପ୍ରମୁଖ ପରମାଣୁ ବୈଜ୍ଞାନିକ ମାନଙ୍କୁ ଟାର୍ଗେଟ କରିଛୁ । ଆମେ ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମର କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ କରିଛୁ। ସେ ଇରାନର ପରମାଣୁ ଏବଂ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ଅସ୍ତିତ୍ୱ ପାଇଁ ବିପଦ ବୋଲି କହିଥିଲେ । ଇରାନ ମଧ୍ୟ ନିଶ୍ଚିତ କରିଛି ଯେ ଇସ୍ରାଏଲ ଦ୍ୱାରା କରାଯାଇଥିବା ଆକ୍ରମଣରେ ଏହାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏବଂ ପରମାଣୁ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି । ଏହା ମଧ୍ୟ କହିଛି ଯେ ଇରାନ ସେନା ମୁଖ୍ୟ ମହମ୍ମଦ ବାଘେରି ଏବଂ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କମାଣ୍ଡର ହୁସେନ ସଲାମି ମଧ୍ୟ ଏହି ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ଜାତିକୁ ତାଙ୍କ ସମ୍ବୋଧନରେ ଇସ୍ରାଏଲକୁ ଚେତାବନୀ ଦେଇଛନ୍ତି । ରଏଟର୍ସ ରିପୋର୍ଟ ଅନୁଯାୟୀ, ସେ କହିଛନ୍ତି ଯେ ଇରାନର ପ୍ରତିକ୍ରିୟା ଏତେ ଭୟଙ୍କର ହେବ ଯେ ଇସ୍ରାଏଲ ଏଥିପାଇଁ ଅନୁତାପ କରିବ । ସେ ଇରାନର ଲୋକମାନଙ୍କୁ ସେମାନଙ୍କ ନେତୃତ୍ୱ ଉପରେ ବିଶ୍ୱାସ କରିବାକୁ ଏବଂ ସେମାନଙ୍କ ସହିତ ଠିଆ ହେବାକୁ ମଧ୍ୟ ଅନୁରୋଧ କରିଛନ୍ତ ।

# ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା ଲେଖାଏଁ କ୍ଷତିପୂରଣ ଦେବ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ଏୟାର ଇଣ୍ଡିଆ ବିମାନ କ୍ରାସ ଘଟଣା । ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ କହିଛି ଏୟାର ଇଣ୍ଡିଆ । ହେଲେ ସମସ୍ତ ମୃତଯାତ୍ରୀଙ୍କ ପରିବାରକୁ ଯଦି ବୀମା ବାବଦରେ କ୍ଷତିପୂରଣ ଦିଆଯାଏ ତେବେ ସେହି ପରିମାଣ ୧ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ୧୯୯୯ ମଣ୍ଟ୍ରିଲ କନଭେନସନ ଅନୁଯାୟୀ ମୃତକଙ୍କ ପରିବାର ଓ ଆହତ ବିମାନ ଯାତ୍ରୀଙ୍କ ଲାଗି କ୍ଷତିପୂରଣ ବ୍ୟବସ୍ଥା ରହିଛି । ଏହି ବୃହତ କ୍ଷତିପୂରଣ ପରିମାଣ ବିମାନ ସେବା ଇତିହାସରେ ପ୍ରଥମ ହୋଇପାରେ । ଏହି ଦୁର୍ଘଟଣାରେ ୧୬୯ ଭାରତୀୟ, ୫୩ ବିଟ୍ରେନ ନାଗରିକ, ୭ ପର୍ତ୍ତୁଗୀଜଙ୍କ ମୃତ୍ୟୁ ଘଟିଥିଲା । ଜଣେ ବ୍ରିଟେନ ନାଗରିକ ରକ୍ଷା ପାଇଯାଇଥିଲେ ।

## କଲମ୍ବିଆ ବିଶ୍ୱବିଦ୍ୟାଳୟର ବଡ଼ ସଫଳତା

# ଏଆଇ ସାହାଯ୍ୟରେ ଗର୍ଭଧାରଣ କଲେ ମହିଳା

**ନୂଆଦିଲ୍ଲୀ,୧୩।୬(ଏଜେନ୍ସି):** ଦୀର୍ଘ ଦୁଇ ଦଶନ୍ଧିର ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି ୟ କଲମ୍ବିଆ ବିଶ୍ୱବିଦ୍ୟାଳୟ ଫର୍ଟିଲିଟି ସେଣ୍ଟରର ଡାକ୍ତରମାନେ ଏଆଇ ଜରିଆରେ ପ୍ରଥମ ଥର ଜଣେ ମହିଳାଙ୍କର ଗର୍ଭଧାରଣ କରାଇଥିବା ସ୍ପଷ୍ଟ କରିଛନ୍ତି । ଦୀର୍ଘ ୧୯ ବର୍ଷ ଧରି ଗର୍ଭଧାରଣ ପାଇଁ ଚେଷ୍ଟା କରି ବିଫଳ ହେଉଥିବା ଜଣେ ଦମ୍ପତି ଏକ ନୂଆ ଏଆଇ ସିଷ୍ଟମ୍ ଜରିଆରେ ସନ୍ତାନ ସୁଖ ପାଇବାକୁ ଯାଉଛନ୍ତି । ପ୍ରଜନନ ଚିକିତ୍ସାରେ ଏହା ଏକ ବଡ଼ ମାଇଲଖୁଣ୍ଟ । ଷ୍ଟାର୍ (ସ୍ପର୍ମ ଟ୍ରାକିଂ ଆଣ୍ଡ୍ ରିକଭରୀ) ନାମକ ଏଆଇ-ଆଧାରିତ ପ୍ରକ୍ରିୟା ପ୍ରୟୋଗ କରି ସନ୍ତାନ ସୁଖରୁ ବଞ୍ଚିତ ଜଣେ ମହିଳାଙ୍କର ଗର୍ଭଧାରଣରେ ଉକ୍ତ ବିଶ୍ୱବିଦ୍ୟାଳୟର ଡାକ୍ତର ସଫଳତା ପାଇଛନ୍ତି। ପୁରୁଷ ବନ୍ଧ୍ୟାଦୋଷର ସମ୍ମୁଖୀନ ହେଉଥିବା ଦମ୍ପତିଙ୍କୁ ଏହି ଅତ୍ୟାଧୁନିକ ଟେକ୍ନୋଲୋଜି ଆଶାର ନୂଆ ଆଲୋକ ପ୍ରଦାନ କରିଛି । ଖାସ୍କରି 'ଆଜୋସ୍ପର୍ମିଆ' ସମସ୍ୟାରେ ପୀଡ଼ିତଙ୍କ ପାଇଁ ଏହା ବରଦାନ ହୋଇଛି । ପୁରୁଷଙ୍କ ସିମେନ୍ରେ ଶୁକ୍ରାଣୁର ସମ୍ପୂର୍ଣ୍ଣ ଅନୁପସ୍ଥିତିକୁ ଏହା ଦର୍ଶାଏ । ଅବ୍ଷ୍ଟ୍ରକ୍ଟିଭ ଆଜୋସ୍ପର୍ମିଆ ପୁରୁଷ ବନ୍ଧ୍ୟାଦୋଷର ଏକ ଗୁରୁତ୍ୱପୂର୍ଣ୍ଣ କାରଣ । ଏହା ଯୋଗୁ ପ୍ରାକୃତିକ ରୂପେ ଗର୍ଭଧାରଣ କଷ୍ଟକର ହୋଇଥାଏ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ବ୍ୟକ୍ତି ସନ୍ତାନ ଜନ୍ମ କରିପାରିବେ ନାହିଁ ୟ । ଅନ୍ୟ ପ୍ରଜନନ ଟେକ୍ନୋଲୋଜି ଏଥିରେ ସହାୟକ ହୋଇପାରେ । ଅବ୍ଷ୍ଟ୍ରକ୍ଟିଭ ଆଜୋସ୍ପର୍ମିଆ ପ୍ରଜନନ ମାର୍ଗକୁ ଅବରୋଧ କରି ସିମେନରେ ଶୁକ୍ରାଣୁକୁ ରୋକିଥାଏ । ସଂକ୍ରମଣ, ସର୍ଜରି କିମ୍ବା ଜନ୍ମଜାତ ସମସ୍ୟା, ଜିନ୍ଗତ ସମସ୍ୟା, ହରମୋନ ଅସନ୍ତୁଳନ ଯୋଗୁ ଏହା ହୋଇପାରେ । ଏବେ ଆଜୋସ୍ପର୍ମିଆ ହାରାହାରି ୧୦ ପ୍ରତିଶତ ପୁରୁଷ ବନ୍ଧ୍ୟାଦୋଷ ମାମଲା ପାଇଁ ଦାୟୀ । ଏହି ସ୍ଥିତିରେ ପାରମ୍ପରିକ ପଦ୍ଧତି ସିମେନ୍ ନମୁନାରେ ମୂଲ୍ୟବାନ ଶୁକ୍ରାଣୁ ଚିହ୍ନଟ କରିବାରେ ସକ୍ଷମ ନୁହନ୍ତି । କଲିମ୍ବିଆ ବିଶ୍ୱବିଦ୍ୟାଳୟର ଷ୍ଟାର୍ ସିଷ୍ଟମରେ ଏକ ଉଚ୍ଚ ଶକ୍ତିସମ୍ପନ୍ନ ଇମେଜିଂ ଟେକ୍ନୋଲୋଜି ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ମିଶ୍ରଣ ରହିଛି, ଯାହା ପୂରା ସିମେନ୍ ନମୁନାକୁ ସ୍କାନ୍ କରେ । ଏହା ଘଣ୍ଟାକୁ ପ୍ରାୟ ୮୦ ଲକ୍ଷ ଛବି ଉତ୍ତୋଳନ କରେ । ଏହି ଏଆଇ ଆଲ୍ଗୋରିଦମ ଛବିଗୁଡ଼ିକର ବିଶ୍ଳେଷଣ କରେ ଏବଂ ଭ୍ରୂଣ ବିଶେଷଜ୍ଞ ଚିହ୍ନଟ କରିପାରିନଥିବା ବିରଳ ଶୁକ୍ରାଣୁ କୋଷିକାଗୁଡ଼ିକୁ ଅଲଗା କରେ । ଶୁକ୍ରାଣୁ ଚିହ୍ନଟ ହେବା ପରେ ମାଇକ୍ରୋଫ୍ଲୁଇଡିକ୍ ଚିପ୍ ସେଗୁଡ଼ିକୁ ଏକ ଅଲଗା ଚ୍ୟାନେଲକୁ ଯିବାକୁ ଦିଏ । ସେଣ୍ଟ୍ରିଫ୍ୟୁଗେସନ୍ କିମ୍ବା ଅନ୍ୟ ସମ୍ଭାବ୍ୟ ହାନିକାରକ ପ୍ରକ୍ରିୟାର ଆବଶ୍ୟକ ବିନା ଏହି ଶୁକ୍ରାଣୁ ଅଲଗା ହୁଅନ୍ତି । ଏହି ପ୍ରକ୍ରିୟା ମୂଲ୍ୟବାନ ଶୁକ୍ରାଣୁଙ୍କ ସଂରକ୍ଷଣକୁ ସୁନିଶ୍ଚିତ କରେ ଏବଂ ପ୍ରଜନନ ପାଇଁ ମଧ୍ୟ ଏହାକୁ ପ୍ରୟୋଗ କରାଯାଇପାରେ । ଏହା ସର୍ଜରି ଓ ରସାୟନ-ମୁକ୍ତ ବିକଳ୍ପ ପ୍ରଦାନ କରେ । ଚିକିତ୍ସା ବିଜ୍ଞାନ ଓ ଉନ୍ନତ ଟେକ୍ନୋଲୋଜିର ଏହା ସମନ୍ୱୟ । ଦୀର୍ଘ ଦୁଇ ଦଶନ୍ଧି ଧରି ଗର୍ଭଧାରଣ ପାଇଁ ଚେଷ୍ଟା କରୁଥିବା ଉକ୍ତ ଦମ୍ପତିଙ୍କ ସଫଳ କାହାଣୀ ଏହାର ସଦ୍ୟ ପ୍ରମାଣ । ଦମ୍ପତି ୧୫ ଥର ଆଇଭିଏଫରେ ଗର୍ଭଧାରଣ କରି ବିଫଳ ହୋଇଥିଲେ । ଷ୍ଟାର୍ ସିଷ୍ଟମ୍ ଉପଯୋଗର ଏକ ଚିକିତ୍ସକୀୟ ପରୀକ୍ଷଣରେ ଅଂଶଗ୍ରହଣ କରିବା ପରେ ସେମାନଙ୍କ ଭାଗ୍ୟ ବଦଳିଲା । ଏହି ଏଆଇ ସିଷ୍ଟମ୍ ସଫଳତାପୂର୍ବକ ବ୍ୟକ୍ତିଙ୍କ ମୂଲ୍ୟବାନ ଶୁକ୍ରାଣୁ ଚିହ୍ନଟ କଲା, ଯାହା ସଫଳ ଗର୍ଭଧାରଣର ମାର୍ଗ ପ୍ରଶସ୍ତ କଲା ।



# ପରମାଣୁ ଚୁକ୍ତି କର, ନଚେତ ଧ୍ୱଂସ କରିଦେବ ଇସ୍ରାଏଲ୍:ଟ୍ରମ୍ପ

**ୱାସିଂଟନ,୧୩।୬(ଏଜେନ୍ସି):** ଇସ୍ରାଏଲ ଇରାନ ଉପରେ ଏକ ବଡ଼ ଆକ୍ରମଣ କରିଛି । ଏହା ପରେ ଇରାନ ପ୍ରତିଶୋଧ ନେବାକୁ ଘୋଷଣା କରିଛି । ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ପରମାଣୁ ଚୁକ୍ତିନାମା ସମ୍ପର୍କରେ ଏକ ବଡ଼ ବୟାନ ଆସିଛି । ସେ ଇରାନକୁ କହିଛନ୍ତି ଯେ ସେମାନେ ପରମାଣୁ ଚୁକ୍ତି କରନ୍ତୁ, ନଚେତ ଇସ୍ରାଏଲ ପାଖରେ ଅନେକ ବିପଦଜନକ ଅସ୍ତ୍ର ଅଛି ।ଇରାନରେ ଯେଉଁମାନେ ଚୁକ୍ତିନାମାକୁ ବିରୋଧ କରୁଥିଲେ ସେମାନଙ୍କୁ ହତ୍ୟା କରାଯାଇଛି । ଇରାନ ପାଖରେ ଏବେ ବି ସୁଯୋଗ ଅଛି । ଏବେ ଚୁକ୍ତିନାମା କର ନଚେତ ଆହୁରି ବିନାଶ ହେବ । ଇରାନରେ ଯେଉଁମାନେ ଚୁକ୍ତିନାମାକୁ ବିରୋଧ କରୁଥିଲେ



ସେମାନଙ୍କୁ ହତ୍ୟା କରାଯାଇଛି । ଇରାନ ପାଖରେ ଏବେ ବି ସୁଯୋଗ ଅଛି । ଏବେ ଚୁକ୍ତିନାମା କର ନଚେତ ଆହୁରି ବିନାଶ ହେବଟ୍ରମ୍ପ ଏକ ପୋଷ୍ଟରେ କହିଛନ୍ତି, ମୁଁ ଇରାନକୁ ଚୁକ୍ତିନାମା କରିବାକୁ ଅନେକ ସୁଯୋଗ ଦେଇଥିଲି । ମୁଁ ଇରାନକୁ କଡ଼ା ଶବ୍ଦରେ କହିଥିଲି, ଏହାକୁ ବନ୍ଦ କରନ୍ତୁ । କିନ୍ତୁ ସେମାନେ ଯେତେ ଚେଷ୍ଟା କଲେ ମଧ୍ୟ, (ପରମାଣୁ ଅସ୍ତ୍ରର) ଯେତେ ନିକଟତର ହେଲେ ମଧ୍ୟ, ସେମାନେ ଏହାକୁ ସମ୍ପୂର୍ଣ୍ଣ କରିପାରିବେ ନାହିଁ । ମୁଁ ଏହା ମଧ୍ୟ କହିଥିଲି ଯେ ଆମେରିକା ବିଶ୍ୱର ସର୍ବୋତ୍ତମ ଏବଂ ସବୁଠାରୁ ଘାତକ ସାମରିକ ଉପକରଣ ତିଆରି କରେ ଏବଂ ଇସ୍ରାଏଲ ପାଖରେ ଏହାର ଏକ ବିପୁଳ ଷ୍ଟକ୍ ଅଛି। ଆଗାମୀ ସମୟରେ ଆହୁରି ବହୁତ କିଛି ହେବ ।

# ବିମାନ ଦୁର୍ଘଟଣା ପୀଡିତଙ୍କ ପାଇଁ ନୀରବ ପ୍ରାର୍ଥନା କଲେ ଖେଳାଳି



# ଆଥଲେଟ୍ ଅନିମେଶ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୩।୬(ସ୍ୱାନଧିକାରନ୍ୟୁଜ): ଏସିଆନ୍ ଆଥଲେଟିକ୍ସ ଋମ୍ପିୟନସିପ୍-୨୦୨୫ରେ ୨୦୦ ମିଟର ଦୌଡ଼ରେ କାଂସ୍ୟ ପଦକ ଅର୍ଜନ କରି ଆମ ଦେଶ ଓ ରାଜ୍ୟ ପାଇଁ ସୁନାମ ଅର୍ଜନ କରିଥିବା କ୍ରୀଡ଼ାବିତ୍ ଅନିମେଶ କୁଜୁରଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଛି ।ଅନିମେଶ କୁଜୁରଙ୍କୁ ୨.୫ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଅନିମେଶଙ୍କ ସଫଳତା ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଅନିମେଶଙ୍କ ସଫଳତା ଅନେକ କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ା ଜଗତରେ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ପ୍ରେରିତ କରିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି ।

# ପୁଣି ଭାଙ୍ଗିଲା ଶ୍ରେୟସ ଆୟାରଙ୍କ ହୃଦୟ

ମୁମ୍ବାଇ, ୧୩।୬: ଫାଇନାଲରେ ଶ୍ରେୟସ ଆୟାରଙ୍କ ଭାଗ୍ୟ ତାଙ୍କ ସାଙ୍ଗରେ ନଥାଏ ବୋଲି ଜଣାପଡୁଛି । ପଞ୍ଜାବ କିଙ୍ଗସ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ୨୦୨୫ ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ହାତରେ ପରାଜୟ ବରଣ କରିବାର ମାତ୍ର ୧୦ ଦିନ ପରେ, ଆୟାର ମୁମ୍ବାଇ ଟି୨୦ ଲିଗରେ ଆଉ ଏକ ରନର୍ସ-ଅପ୍ ପ୍ରଦର୍ଶନର କେନ୍ଦ୍ରବିନ୍ଦୁରେ ଥିଲେ । ଆୟାରଙ୍କ ଦଳ, ସୋବୋ ମୁମ୍ବାଇ ଫାଲକନ୍ସ, ମୁମ୍ବାଇ ସାଉଥ ସେଣ୍ଟ୍ରାଲ ମରାଠା ରୟାଲସ ହାତରେ ପରାଜିତ ହୋଇଥିଲା, ଯେଉଁଥିରେ ନିଜେ ଆୟାର ଟାଇଟଲ-ନିର୍ଣ୍ଣାୟକ ମ୍ୟାଚରେ ଆଇପିଏଲ ଫାଇନାଲ ଭଳି ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ ।ପ୍ରଥମେ ବ୍ୟାଟିଂ କରି ଫାଲକନ୍ସ ମାତ୍ର ୧୫୭ ରନ ସଂଗ୍ରହ କରିପାରିଥିଲା, ଯେଉଁଥିରେ ମୟୁରେଶ ଟାଣ୍ଡେଲ (୫୦) ଏବଂ ହର୍ଷ ଅଘାଭ (୪୫) ଦଳ ପାଇଁ ସର୍ବାଧିକ ରନ ସଂଗ୍ରାହକାରୀ ବ୍ୟାଟସମ୍ୟାନ ଥିଲେ । ଆୟାର ୧୭ ବଲରୁ ମାତ୍ର ୧୨ ରନ ସକୋର କରିପାରିଥିଲେ, ଯେତେବେଳେ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ (କେକେଆର) ପାଇଁ ଖେଳୁଥିବା ଅଙ୍ଗକ୍ରିଶ ରଘୁବଂଶୀ ମଧ୍ୟ ବିଫଳ ହୋଇଥିଲେ, ୧୨ ବଲରୁ ୭ ରନ ସଂଗ୍ରହ କରି ।ଲକ୍ଷ୍ୟ ପିଛା କରୁଥିବା ମରାଠା ରୟାଲସରେ ଚିନମୟ ରାଜେଶ ସୁତାର ଏବଂ ଔସ ଖାନ ନୌଶାଦ ରନ ପିଛାରେ ନେତୃତ୍ୱ ନେଇଥିଲେ, ଯଥାକ୍ରମେ ୫୩ ଏବଂ ୩୮ ରନ ସଂଗ୍ରହ କରି ମରାଠା ରୟାଲସ ୪ ବଲ ବାକି ଥାଇ ଲକ୍ଷ୍ୟ ହାସଲ କରିଥିଲା ।ମ୍ୟାଚ ପରେ, ହୃଦୟ ଭାଙ୍ଗି ଯାଇଥିବା ଆୟାର କହିଥିଲେ ଯେ ସେ ପରାଜୟ ପାଇଁ କାହାକୁ ଦାୟୀ କରିବାକୁ ଋହୁଁନାହାନ୍ତି । କାରଣ ଏହା ପଛରେ ଛୁରି ମାରିବା ଭଳି । କୌଣସି ନିର୍ଦ୍ଦିଷ୍ଟ ଘଟଣାକୁ ଚିହ୍ନିତ କରିବାକୁ ଋହୁଁନାହିଁ । ମୋଟାମୋଟି ଭାବେ, ଖେଳାଳିମାନେ ସେମାନଙ୍କ ପ୍ରୟାସରେ ଉତ୍କୃଷ୍ଟ ଥିଲେ । ଆମେ ଫାଇନାଲ ପୂର୍ବରୁ ମାତ୍ର ଗୋଟିଏ ମ୍ୟାଚରେ ହାରିଥିଲୁ ।ଏହା କେବଳ ଏକ ଏପରି ମ୍ୟାଚ ଥିଲା ଯେଉଁଥିରେ ଆପଣ କାହାକୁ ଦାୟୀ କରିପାରିବେ ନାହିଁ ।

# କରୁଣଙ୍କୁ ପ୍ରଶଂସା: ଅର୍ଶଦୀପ, ସୁଦର୍ଶନଙ୍କୁ ସ୍ୱାଗତ

ବେକେନହାମ୍: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗେତମ ଗମ୍ଭୀର ଏବଂ ନୂଆ । ଅଧିନାୟକ ଶୁବମନ୍ ଗିଲ୍ ଇଂଲଣ୍ଡ ଗସ୍ତ ଲାଗି ଖାସ୍ ଡାକରା ପାଇଥିବା କରୁଣ ନାୟର, ଅର୍ଶଦୀପ ସିଂହ ଓ ସାଇ ସୁଦର୍ଶନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି ଏହି ଅବସରରେ ପାଖାପାଖି ୮ବର୍ଷ ପରେ ଭାରତୀୟ ଟେଷ୍ଟ୍ ଦଳକୁ ଫେରିଥିବା କରୁଣଙ୍କ ଲଢୁଆ । ପ୍ରବୃତ୍ତି ଓ କେବେବି ହାର୍ ନମାନିବାର ଭାବନାକୁ ଭୂୟସୀ ପ୍ରଶଂସା କରିଛନ୍ତି ସେହିଭଳି ଅର୍ଶଦୀପ ଓ ସୁଦର୍ଶନ ଏହି ଗସ୍ତରେ ନିଜନିଜ ଛାପ ଛାଡ଼ିବେ ବୋଲି ଦୃଢ଼ ଆଶା ପୋଷଣ କରିଛନ୍ତି ।

ନାୟର ଶେଷ ଥର ପାଇଁ ୨୦୧୭ ମସିହାରେ ଟେଷ୍ଟ୍ ଖେଳିଥିଲେ ତା ପରଠାରୁ କିନ୍ତୁ ଆଉ ଜାତୀୟ ଦଳରେ ସ୍ଥାନ ପାଇ ନଥିଲେ ଗତ ରଣଜୀ ଋତୁରେ କିନ୍ତୁ ଜବରଦସ୍ତ ପ୍ରଦର୍ଶନ କରିବା ପରେ ଚୟନକର୍ତ୍ତା ତାଙ୍କୁ ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ ଦଳରେ ସାମିଲ କରିବାକୁ ବାଧ ହୋଇଥିଲେ ୨୦୨୪-୨୫ ରଣଜୀ ଋତୁରେ କରୁଣ ୪ଟି ଶତକ ଓ ୨ଟି ଅର୍ଦ୍ଧଶତକ ସହ ୫୩.୯୩ ହାରରେ ୮୬୩ ରନ୍ କରିଥିଲେ ନିଜର ଏହି ଫର୍ମକୁ ଆହୁରି ଆଗକୁ ନେଇ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନଔପଋରିକ ଟେଷ୍ଟ୍ରେ ଦ୍ୱିଶତକୀୟ ପାଳି ଖେଳିଥିଲେ ଖାଲି ସେତିକି ନୁହେଁ ବିଜୟ ହଜାରେ ଟ୍ରଫିରେ ୯ ମ୍ୟାଚ୍ରୁ ୩୮୯.୫୦ ହାରରେ ୭୭୯ ଏବଂ ସୟଦ ସୁସ୍ତାକ ଅଲ୍ଲୀ ଟ୍ରଫିରେ ୬ ପାଳିରୁ ୧୭୭.୦୮ ହାରରେ ୨୫୫ ରନ୍ ସଂଗ୍ରହ କରିଥିଲେ ଇଂଲଣ୍ଡ ଶୃଙ୍ଖଳାରେ ସେ କିଂବଦନ୍ତି କ୍ରିକେଟର୍ କିରାଟ କୋହଲିଙ୍କ ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାର ଯଥେଷ୍ଟ ସମ୍ଭାବନା



ରହିଛି ସେହିଭଳି ଏବର୍ଷ ଆଇପିଏଲରେ ସର୍ବାଧିକ ରନ କରି ନାରଙ୍ଗୀ ଟୋପି ଜିତିଥିବା ଗୁଜରାଟ ଟାଇଟନ୍ସର ସୁଦର୍ଶନଙ୍କୁ ଦଳକୁ ସ୍ୱାଗତ କରି ଲାଲ୍ ବଲ୍ରେ ମିଳିଥିବା ସୁଯୋଗର ଭରପୂର ଲାଭ ଉଠାଇବାକୁ ଗମ୍ଭୀର ପରାମର୍ଶ ଦେଇଛନ୍ତି ଧଳାବଲ୍ରେ ଅର୍ଶଦୀପଙ୍କ ସଫଳତାକୁ ସଲାମ କରି ଗମ୍ଭୀର କହିଛନ୍ତି, ଅର୍ଶଦୀପ ଧଳା ବଲରେ ତୁମେ ବହୁତ ଭଲ ପ୍ରଦର୍ଶନ କରିଆସୁଛ । ମୁଁ ସ୍ଥିର ନିଶ୍ଚିତ ଯେ ଲାଲ୍ ବଲ୍ରେ ମଧ୍ୟ ତୁମେ ସେହି ସଫଳତା ଅର୍ଜନ କରିବ ଉପଅଧିନାୟକ ଋଷଭ ପନ୍ତ ଏବଂ ଷ୍ଟ୍ରେନ୍ଥ ଓ କଣ୍ଡିସନିଂ ପ୍ରଶିକ୍ଷକ ଆଡ୍ରିଆନ୍ ଲେ ରକ୍ସଙ୍କୁ ଭାରତୀୟ ଦଳର ନେତୃତ୍ୱ ଗୋଷ୍ଠୀକୁ ଗମ୍ଭୀର ସ୍ୱାଗତ କରିଥିଲେ ।

ରାହୁଲଙ୍କ ସ୍ୱତନ୍ତ୍ର ବାର୍ତ୍ତାକର୍ଣ୍ଣାଟକ ରଣଜୀ ଦଳର ପୂର୍ବତନ ସାଥୀ ଖେଳାଳି କରୁଣ ନାୟରଙ୍କୁ ଭାରତୀୟ ୱିକେଟ୍ ରକ୍ଷକ ବ୍ୟାଟର୍ କେଏଲ ରାହୁଲ ୨୦ ତାରିଖରେ ଲିଡ୍ସଠାରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ୍ ପୂର୍ବରୁ ସ୍ୱତନ୍ତ୍ର ବାର୍ତ୍ତା ଦେଇଛନ୍ତି ୮ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ୍କୁ ଫେରିବା ଦ୍ୱାର ଦେଶରେ ଥିବା କରୁଣଙ୍କୁ ଶୁଭକାମନା ଜଣାଇ ରାହୁଲ କହିଛନ୍ତି, ମୁଁ ତୁମକୁ ପିଲାବେଳୁ ଜାଣିଛି ଭାରତୀୟ ଦଳକୁ ଫେରିବା ଲାଗି ତୁମେ କରିଥିବା କଠିନ ପରିଶ୍ରମ କଥା ଜାଣିଛି । କାଉଣ୍ଟି କ୍ରିକେଟ୍ ଖେଳିଲା ବେଳେ ତୁମେ ଅଗଣିତ ଦିନ ଏକୁଟିଆ । କଟାଇଛଫ ଏବେ ଭଗବାନ ତୁମକୁ ଆଉ ଏକ ସୁଯୋଗ ଦେଇଛନ୍ତି ତୁମେ ଏହାର ଯଥାର୍ଥ ସମ୍ମାନ ରଖିବ ବୋଲି ମୁଁ ଦୃଢ଼ ନିଶ୍ଚିତ ତୁମ ପ୍ରତ୍ୟାବର୍ତ୍ତନ ଯାତ୍ରା ଅନ୍ୟମାନଙ୍କ ପାଇଁ ସବୁବେଳେ ପ୍ରେରଣାଦାୟୀ ହୋଇ ରହିବ

ଇଂଲଣ୍ଡ ବିପକ୍ଷ ଟେଷ୍ଟ୍ ଶୃଙ୍ଖଳା ଲାଗି ଘୋଷିତ ଭାରତୀୟ ଦଳରେ ଅଛନ୍ତି ଦୁଇ ବାମହାତୀ ସ୍ପିନର କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡ଼େଜା ଉଭୟ ଗୋଟିଏ ସ୍ଥାନ ପାଇଁ ଲଢୁଥିବାରୁ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଋରି ଦିନିଆ । ଅନ୍ତଃଦଳୀୟ ଅଭ୍ୟାସ ମ୍ୟାଚ୍ରେ ଭଲ କରି ପ୍ରଥମ ଟେଷ୍ଟ୍ର ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବା ଲକ୍ଷ୍ୟେ ରହିଛନ୍ତି ଭାରତୀୟ ଦଳ ଏହାକୁ ବନ୍ଦ ଦ୍ୱାର ଭିତରେ ଖେଳିବାକୁ ଯୋଜନା ରଖିଛି ନିଜ ରଣନୀତିକୁ ପ୍ରତିପକ୍ଷଠାରୁ ଗୋପନୀୟ ରଖିବା ଲାଗି ପ୍ରଶିକ୍ଷକ ଗେତମ ଗମ୍ଭୀର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ବୋଲିଂ ପ୍ରଶିକ୍ଷକ ମର୍ଣ୍ଣି ମର୍କେଲ ମଧ୍ୟ ଏହି ରଣନୀତିକୁ ପସନ୍ଦ କରିଛନ୍ତି ଏହି ଅଭ୍ୟାସ ମ୍ୟାଚ୍ରେ ଜଣେ ବ୍ୟାଟର୍ ଯଦି ଶସ୍ତାରେ ଆଉଟ୍ ହୋଇଯାନ୍ତି, ତାହେଲେ ତାଙ୍କୁ ଦ୍ୱିତୀୟ ସୁଯୋଗ ମିଳିବ ବୋଲି ସୂଚନା ଦେଇଛନ୍ତି । ୪ଦିନରେ ମୋଟ ୩୬୦ ଓଭର ବୋଲିଂ ହେବାର ଥିବାରୁ ଉଭୟ କୁଲଦୀପ ଓ ଜାଡ଼େଜାଙ୍କୁ ନିଜନିଜ ଫର୍ମର ଝଲକ ଦେଖାଇବାକୁ ପର୍ଯ୍ୟାପ୍ତ ସୁଯୋଗ ମିଳିବ । ଜାଡ଼େଜା ବ୍ୟାଟିଂରେ କୁଲଦୀପଙ୍କଠାରୁ ଯଥେଷ୍ଟ ଆଗୁଆ । ଥିବାରୁ ଏହା ହୁଏତ ତାଙ୍କ ସପକ୍ଷରେ ଯାଇପାରେ । ତେବେ ଇଂଲଣ୍ଡ ମାଟିରେ କୁଲଦୀପଙ୍କ ବିବିଧତା ଦଳକୁ ଅଧିକ ଫାଇଦାରେ ରଖିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି ।

# ଅଚାନକ ଭାରତ ଫେରିଆସିଲେ ଗମ୍ଭୀର

ନୂଆଦିଲ୍ଲୀ,୧୩।୬: ଜୁନ୍ ୨୦ରେ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ଆରମ୍ଭ ହେବାର କିଛି ଦିନ ପୂର୍ବରୁ ଗୌତମ ଗମ୍ଭୀର ଏକ ଚିକିତ୍ସା ଜରୁରୀ ସ୍ଥିତି ହେତୁ ଇଂଲଣ୍ଡରୁ ଭାରତକୁ ଫେରିବାକୁ ବାଧ ହୋଇଛନ୍ତି ରେଭ୍ସ୍ପୋର୍ଟଜ୍ ଅନୁଯାୟୀ, ତାଙ୍କ ମାଙ୍କୁ ହୃଦ୍ଘାତ ହୋଇଛି ଏବଂ ସେ ବର୍ତ୍ତମାନ ଗୁରୁତର ଚିକିତ୍ସା ବିଭାଗରେ ଅଛନ୍ତି ଭାରତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଆଗାମୀ ସପ୍ତାହରେ ଫେରିବାର ଆଶା କରାଯାଉଛି ।



ଗମ୍ଭୀରଙ୍କ ଅନୁପସ୍ଥିତିରେ ସହକାରୀ କୋଚ୍ ରାୟାନ ଟେନ ଡୋସ୍କେଟ ଦାୟିତ୍ୱ ନେବେ, ସାଙ୍ଗରେ ବ୍ୟାଟିଂ କୋଚ୍ ସିତାଂଶୁ କୋଟାକ ଏବଂ ବୋଲିଂ କୋଚ୍ ମୋର୍ନେ ମୋର୍କେଲ ରହିବେ ।

ଇଣ୍ଡିଆ । ଏ ପାଇଁ ଖେଳୁଥିବା ଆଠ ଜଣ ବରିଷ୍ଠ ଖେଳାଳି ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଦୁଇଟି ୱାର୍ମ-ଅପ୍ ମ୍ୟାଚ୍ ଖେଳିସାରିଛନ୍ତି, ଦୁଇଟି ହିଁ ଡ୍ର ହୋଇଛି ଇଣ୍ଡିଆ । ଏ ବନାମ ଇଣ୍ଡିଆ । ଅନ୍ତଃଦଳୀୟ ମ୍ୟାଚ୍ ହେଉଛି ଏକମାତ୍ର ବାକି ଥିବା ମୁକାବିଲା, ଯାହା ଗମ୍ଭୀର ଏବଂ ନୂଆ ଅଧିନାୟକ ଶୁଭମନ ଗିଲଙ୍କୁ ଟେଷ୍ଟ ସିରିଜ୍ ପୂର୍ବରୁ ସେମାନଙ୍କ ସ୍ଥିତିର ଅନ୍ତିମ ମୂଲ୍ୟାଙ୍କନ ଦେବ । ତେବେ, ଏହି ଆଠ ଜଣ ଖେଳାଳି ଯେଉଁମାନଙ୍କ ମଧ୍ୟରେ କେ ଏଲ ରାହୁଲ, କରୁଣ ନାୟାର, ଯଶସ୍ୱୀ ଜୟସ୍ୱାଲ ଆଦି ଅଛନ୍ତି ଅନ୍ତଃଦଳୀୟ ମ୍ୟାଚ୍ରେ ଖେଳିବେ କି ନାହିଁ ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ ।

# ଏକାଧିକ ବିଶ୍ୱ ରେକର୍ଡ ଭାଙ୍ଗିଲେ ଆଲେନ

ୱାଶିଂଟନ, ୧୩।୬: ନ୍ୟୁଜିଲାଣ୍ଡର ଆକ୍ରମଣାତ୍ମକ ବ୍ୟାଟସମ୍ୟାନ ଫିନ ଆଲେନ୍ ମେଜର ଲିଗ କ୍ରିକେଟ ୨୦୨୫ର ଉଦ୍ଘାଟନୀ ମ୍ୟାଚରେ ଏକାଧିକ ରେକର୍ଡ ଭାଙ୍ଗିଛନ୍ତି । ଯୁକ୍ତରାଷ୍ଟ୍ରରେ ଆୟୋଜିତ ଏକ ଫ୍ରାଞ୍ଚାଇଜି-ଆଧାରିତ ଟି୨୦ ପ୍ରତିଯୋଗିତା । ଶୁକ୍ରବାର ଓକଲାଣ୍ଡ କୋଲିଜିୟମରେ ସାନ ଫ୍ରାନସିସ୍କୋ ୟୁନିକର୍ନସ ପାଇଁ ।ଶିଂଟନ ଫ୍ରିଡମ ବିପକ୍ଷରେ ଖେଳୁଥିବା ଆଲେନ ପ୍ରଚଣ୍ଡ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ମାତ୍ର ୫୧ ବଲରେ ୧୫୧ ରନ ସଂଗ୍ରହ କରିଥିଲେ । ତାଙ୍କ ଇନିଂସର ଷ୍ଟ୍ରାଇକ ରେଟ୍ ୨୯୬ରୁ ଅଧିକ ଥିଲା । ଏହି ବ୍ୟାଟସମ୍ୟାନ ୫ଟି ଚୌକା ଓ ୧୯ଟି ଛକା ମାରିଥିଲେ, ଯାହା ।ଶିଂଟନ ଫ୍ରିଡମର ବୋଲରମାନଙ୍କ ପାଇଁ ଏକ ଦୁଃସ୍ୱପ୍ନ ସଦୃଶ ଥିଲା

ଏହି ଇନିଂସ ସମୟରେ, ଆଲେନ ଟି୨୦ କ୍ରିକେଟରେ ଦ୍ରୁତତମ ୧୫୦ ରନର ରେକର୍ଡ ଭାଙ୍ଗିଥିଲେ । ସେ ୪୯ ବଲରେ ଏହି ମାଇଲଷ୍ଟୋନ ହାସଲ କରିଥିଲେ ଡାହାଣ ହାତ ବ୍ୟାଟସମ୍ୟାନ ଆଲେନ ୩୪ ବଲରେ ଶତକ ହାସଲ କରିଥିଲେ, ଯାହା ନ୍ୟୁଜିଲାଣ୍ଡ ବ୍ୟାଟସମ୍ୟାନଙ୍କ ମଧ୍ୟରେ ଦ୍ରୁତତମ ଟି୨୦ ଶତକ ଏବଂ ଟୁର୍ନାମେଣ୍ଟ ଇତିହାସରେ ମଧ୍ୟ ସବୁଠାରୁ ଦ୍ରୁତ ଥିଲା ।

ଆଲେନ ମଧ୍ୟ କ୍ରିସ ଗେଲ ଏବଂ ଏଷ୍ଟୋନିଆର ସାହିଲ ଚୌହାନଙ୍କ ରେକର୍ଡ ଭାଙ୍ଗିଛନ୍ତି, ପୁରୁଷ ଟି୨୦ ଇନିଂସରେ ସର୍ବାଧିକ ଛକା ମାରି ଗେଲ ଏବଂ ଚୌହାନ ପ୍ରତ୍ୟେକେ ୧୮ଟି ଛକା ମାରିଥିବା ବେଳେ, ଆଲେନ ୧୯ଟି ଛକା ମାରି ଉଭୟଙ୍କୁ ଅତିକ୍ରମ କରିଛନ୍ତି ।

ଏହା ରୋମାଞ୍ଚକର ଥିଲା (ଏମଏଲସି ଇତିହାସରେ ଦ୍ରୁତତମ ଶତକ ହାସଲ କରି), ଭଲ ଆରମ୍ଭ ହୋଇଥିଲା, ନିୟମିତ ଭାବେ ବାଉଣ୍ଡେରୀ ପାଇଥିଲୁ, ଆମେ କିଛି ଭାଗିଦାରୀ କରିଥିଲୁ ଏବଂ ବୋର୍ଡରେ ଏକ ଭଲ ସ୍କୋର ରଖିଥିଲୁ ବାଉଣ୍ଡେରୀଗୁଡ଼ିକ ବେଶ ଭଲ ଥିଲା, ନିଜର ପ୍ରଚଣ୍ଡ ଇନିଂସ ପରେ ଫିନ ଆଲେନ କହିଛନ୍ତି

ମଜାର କଥା, ମାତ୍ର ଛଅ ମାସ ପୂର୍ବେ, ଆଲେନ ଇଣ୍ଡିଆନ ପ୍ରିମିୟର ଲିଗ ନିଲାମ ଟେବୁଲରେ କୌଣସି କ୍ରେତା ପାଇନଥିଲେ ୨ କୋଟି ଟଙ୍କାର ମୂଳ ମୂଲ୍ୟ ସହିତ, ନ୍ୟୁଜିଲାଣ୍ଡ ବ୍ୟାଟସମ୍ୟାନ ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ଆଇପିଏଲ ୨୦୨୫ ନିଲାମରେ ବିକ୍ରି ହୋଇନଥିଲେ

ସେହି ନିଲାମରେ, ଭାରତୀୟ କେଟକିପର-ବ୍ୟାଟସମ୍ୟାନ ଋଷଭ ପନ୍ତ ଟୁର୍ନାମେଣ୍ଟ ଇତିହାସରେ ସବୁଠାରୁ ମୂଲ୍ୟବାନ ଖେଳାଳି ହୋଇଥିଲେ ତାଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ ୨୭ କୋଟି ଟଙ୍କାରେ କିଣିଥିଲା ତାଙ୍କ ପଛରେ ଶ୍ରେୟସ ଆୟାର ଥିଲେ, ଯିଏଙ୍କୁ ପଞ୍ଜାବ କିଙ୍ଗସ ୨୬.୭୫ କୋଟି ଟଙ୍କାରେ କିଣିଥିଲା ନିଲାମ ଯୁଦ୍ଧରେ ଭେଙ୍କଟେଶ ଆୟାରଙ୍କୁ କୋଲକାତା ନାଇଟ ରାଇଡର୍ସ ୨୩.୭୫ କୋଟି ଟଙ୍କାରେ ଧରି ରଖିଥିଲା



# ଏଆଇରେ ଯାତ୍ରା କରିବେନି ୱାର୍ନର

ନୂଆଦିଲ୍ଲୀ,୧୩।୬: ଅଷ୍ଟ୍ରେଲିୟ କ୍ରିକେଟର ଡେଭିଡ ୱାର୍ନର ଭାରତକୁ ଭଲ ପାଆନ୍ତି କିନ୍ତୁ ଗୁରୁବାର ଘଟିଥିବା ଏୟାର ଇଣ୍ଡିଆ । ବିମାନ ଦୁର୍ଘଟଣାରେ ସେ ବେଶ ମର୍ମାହତ ହୋଇଛନ୍ତି ।ଏହି ଘଟଣା ପରେ ସେ ଏକ ବଡ଼ ନିଷ୍ପତ୍ତି ନେଉଛନ୍ତି ସେଇଟି ହେଲା ସେ ଆଉ କେବେ ଏହି ବିମାନରେ ଯାତ୍ରା କରିବେ ନାହିଁ । ଜୁନ ୧୨ରେ ଅହମ୍ମଦାବାଦରେ ଘଟିଥିବା ହୃଦୟବିଦାରକ ଘଟଣା ନୁହେଁ, ବରଂ ଏହା ପଛରେ ଥିବା ବାସ୍ତବତା ମଧ୍ୟ ତାଙ୍କୁ ଏହି ନିଷ୍ପତ୍ତି ନେବାକୁ ବାଧ କରିଛି ବୋଲି ୱାର୍ନର କହିଛନ୍ତି ୱାର୍ନର ନିଜେ ତାଙ୍କ ଇନଷ୍ଟା ଷ୍ଟୋରୀରେ ଏହି ସମସ୍ତ କଥା ଉଲ୍ଲେଖ କରିଛନ୍ତିଫ

ଅଷ୍ଟ୍ରେଲିଆର ପୂର୍ବତନ ବାମହାତୀ ଓପନର ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଅହମ୍ମଦାବାଦ ବିମାନ ଦୁର୍ଘଟଣା ଉପରେ ପ୍ରତିକ୍ରିୟା ଦେଇଛନ୍ତି ପ୍ରଥମେ ସେ ସମଗ୍ର ଘଟଣାକୁ ଦୁଃଖଦ କହିଛନ୍ତି ।ତାପରେ ସେ କହିଛନ୍ତି ଯେ ତାଙ୍କର ଉଦ୍ଦେଶ୍ୟ ଥିଲା ସମଗ୍ର ପରିବାର ସହ ଏୟାର ଇଣ୍ଡିଆରେ ଯାତ୍ରା କରିବାକୁ କିନ୍ତୁ ଏବେ ନୁହେଁ ସେ କହିଛନ୍ତି ଯେ ସେ ଆଉ କେବେ ଏୟାର ଇଣ୍ଡିଆରେ ଯାତ୍ରା କରିବେ ନାହିଁ । ଏହି ବୟାନର କାରଣ ହେଉଛି ।ଏୟାର ଇଣ୍ଡିଆର ପୂର୍ବତନ କ୍ରୁ ସଦସ୍ୟଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ, ଯେଉଁଥିରେ ସେ ତ୍ରୁଟିପୂର୍ଣ୍ଣ ବିମାନର ନିରନ୍ତର ବ୍ୟବହାର ବିଷୟରେ ଉଲ୍ଲେଖ କରିଥିେ । ୱାର୍ନର ଆଉ ଏକ ଷ୍ଟୋରୀ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ ଆଉ ଏକ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ନିରୀହ ଲୋକଙ୍କ ଜୀବନ ସହିତ ଏହିପରି ଖେଳି ଲାଭ ଅର୍ଜନ କରିବା ଅତ୍ୟନ୍ତ ଲଜ୍ଜାଜନକ ।

## (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

### ଘଟଣାସ୍ଥଳରକୁ..

ହାଇଡ୍ରୋଲିକ୍ ସିଷ୍ଟମର ସେବାଯୋଗ୍ୟତା ଏବଂ ଉଡ଼ାଣ ପାରାମିଟରଗୁଡ଼ିକର କାର୍ଯ୍ୟକ୍ଷମତା ପରୀକ୍ଷା ଓ ସମୀକ୍ଷା କରାଯିବ ।

ଡିଜିସିଏ କହିଛି ଯେ ଏବେ ଟ୍ରାଞ୍ଜିଟ୍ ଯାଞ୍ଚରେ ଉଡ଼ାଣ ନିୟନ୍ତ୍ରଣ ଯାଞ୍ଚ ବାଧ୍ୟତାମୂଳକ ହେବ । ଯାହା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ । ସେହି ସମୟରେ, ବିଦ୍ୟୁତ ନିଶ୍ଚିତତା ଯାଞ୍ଚ ଦୁଇ ସପ୍ତାହ ମଧ୍ୟରେ କରିବାକୁ ପଡିବ । ଗତ ୧୫ ଦିନ ମଧ୍ୟରେ ବାରମ୍ବାର ବୈଷୟିକ ସମସ୍ୟାର ସମୀକ୍ଷା ଆଧାରରେ, ଡିଜିସିଏ ଯଥାଶୀଘ୍ର ରକ୍ଷଣାବେକ୍ଷଣ କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛି ।ଗୁରୁବାର ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନରର ବିମାନ ଟେକଅଫର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିମାନରେ ୨୩୦ ଜଣ ଯାତ୍ରୀ ଏବଂ ୧୨ ଜଣ କ୍ରୁ ସଦସ୍ୟ ଥିଲେ । ଏହି ଦୁର୍ଘଟଣାରେ ୨୪୧ ଜଣଙ୍କର ମୃତ୍ୟୁ ହୋଇଛି । ଋଜଣେ ଯାତ୍ରୀ ଚମତ୍କାର ଭାବରେ ବଞ୍ଚିଯାଇଛନ୍ତି । ତାଙ୍କର ଚିକିତ୍ସା ଋଲିଛି ।ଦୁର୍ଘଟଣା ପରେ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥାର ଅଧିକାରୀମାନେ ଶୁକ୍ରବାର ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଅଧିକାରୀମାନେ ଏପର୍ଯ୍ୟନ୍ତ ତଦନ୍ତ ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି । ତଦନ୍ତର ଦାୟିତ୍ୱ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋକୁ ହସ୍ତାନ୍ତର କରାଯାଇଛି ।

### ୩୮୭୮ କୋଟି...

ରହିଛତ । ସେହିପରି, ହେରସ ଟେକ୍ନୋଲୋଜିସ ଇଣ୍ଡିଆ ପ୍ରା:ଲି: ଖୋର୍ଦ୍ଧାରେ ଏକ ମେଟାଲର୍ଜିକାଲ୍ ସେନ୍ସର୍ ଉତ୍ପାଦନ କେନ୍ଦ୍ର ପାଇଁ ୧୮୮.୪୬ କୋଟି ଟଙ୍କା ନିବେଶ କରିବ ଓ ୪୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଆଉସଫ୍ଟ ଟେକ୍ନୋଲୋଜିସ୍ ପ୍ରା:ଲି: ୧୧୨ କୋଟି ଟଙ୍କା ବ୍ୟୟରେ କଟକରେ ଏକ ଏଲଇଡି ଟିଭି ଓ ଆଇଓଟି ଯନ୍ତ୍ର ଉତ୍ପାଦନ କେନ୍ଦ୍ର ସ୍ଥାପିତ କରିବ, ଯାହା ମାଧ୍ୟମରେ ୩୩୦ ଜଣ ନିଯୁକ୍ତିର ସୁଯୋଗ ପାଇବେ ।

ସେହିପରି, ସମଲେଶ୍ୱରୀ ଫରୋମେଟାଲ୍ସ ପ୍ରା:ଲି: ସମ୍ବଲପୁରରେ ଥିବା ସ୍ପଞ୍ଜ ଆଇରନ କାରଖାନାର ସମ୍ପ୍ରସାରଣ ନିମନ୍ତେ ୪୦୦କୋଟି ଟଙ୍କା ନିବେଶ କରିବ ଓ ଏହାଦ୍ୱାରା ଅତିରିକ୍ତ ୩୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ଜଣାପଡ଼ିଛି ।

ରାଜ୍ୟରେ ବେକାରୀ ସଂଖ୍ୟା ବଢିବାରେ ଲାଗିଛି । ଆବଶ୍ୟକତା ଅନୁସାରେ କଳକାରଖାନା ଓ ଶିଳ୍ପର ଅଭାବ ଦେଖାଯାଇଛି । ଓଡ଼ିଶାର ଯୁବପିଢ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ।ରାଜ୍ୟରେ କଳକାରଖାନା ଗଢ଼ି ଉଠିଲେ ଯୁବପିଢ଼ିଙ୍କୁ ରୋଜଗାର ମିଳିପାରିବ । ବାହାର ରାଜ୍ୟକୁ ଯାଇ ସେଠାକାର ମାଲିକମାନଙ୍କ ଠାରୁ ଓଡ଼ିଆ ଯୁବକଯୁବତୀଙ୍କୁ ନିର୍ଯାତନାର ଶିକାର ହେବାକୁ ପଡ଼ିବ ନାହିଁ । ରାଜ୍ୟ ସରକାରଙ୍କ ୩୮୭୮.୮୬ କୋଟିର ପୁଞ୍ଜି ନିବେଶ କାର୍ଯ୍ୟରେ ପରିଣତ ହେଲେ ଯୁବପିଢ଼ି ଉପକୃତ ହେବେ ବୋଲି ଆଶା କରାଯାଉଛି ।

### ଋଜରେ...

ସର୍ବାଧିକ ୧୩.୮ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ମାଲକାନଗିରିରେ ୧୨.୨ମିମି, କୋରାପୁଟରେ ୯.୦ମିମି, କେନ୍ଦ୍ରାପଡ଼ାରେ ୬.୦ମିମି, ଭୁବନେଶ୍ୱରରେ ୧.୯ମିମି, ଜଗତସିଂହପୁରରେ ୧.୪ ମିମି ବର୍ଷା ହୋଇଛି ।

ଆସନ୍ତାକାଲି ପାଇଁ ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଭିତରେ ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କତା ଜାରି କରିଛି ।୨୦ ତାରିଖ ଯାଏଁ ରାଜ୍ୟରେ ମେଘୁଆ । ପାଗ ସହ କିଛି କିଛି ସ୍ଥାନରେ ବର୍ଷା ଓ ଅନେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ରହିଛି ।ବର୍ତ୍ତମାନ ପାଗ ଅନୁକୂଳ ରହିଥିବା ବେଳେ ଦୁଇ ଦିନ ମଧ୍ୟରେ ଓଡ଼ିଶାର କିଛି ଜିଲ୍ଲାକୁ ମୌସୁମି ବର୍ଷା ହେବ । କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ଏଥିସହିତ ଆଉ କିଛି ଜିଲ୍ଲା ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ଆକଳନ ଅନୁଯାୟୀ ଆସନ୍ତାକାଲି ପାଇଁ ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କତା ଜାରି କରିଛି ପାଣିପାଗ ବିଭାଗ ପୁଣି ୧୫ ତାରିଖରୁ ମୌସୁମୀ ଜନିତ ବର୍ଷାର ପରିମାଣ ବଢ଼ିବ ଆସନ୍ତା ତିନି ଦିନ ଅର୍ଥାତ ୧୮, ୧୯ ଓ ୨୦ ତାରଖରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ସେପଟେ ୧୮ ତାରିଖ ବେଳକୁ ଉତ୍ତର-ଓଡ଼ିଶା ଓ ଝାଡ଼ଖଣ୍ଡ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଅଛି ଯାହା ମୌସୁମୀ ବର୍ଷାକୁ ଅଧିକ ସକ୍ରିୟ କରିବ ବୋଲି ସୂଚନା ଦେଇଛନ୍ତି ପାଣିପାଗ ବିଶେଷଜ୍ଞ ଶରତ ସାହୁ ୧୮ ତାରିଖ ବେଳକୁ ମୟୂରଭଞ୍ଜ, ଦେବଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ଼, ବୌଦ୍ଧ ଓ ଝାରସୁଗୁଡ଼ାରେ ପ୍ରବଳ ବର୍ଷା ନେଇ ସମ୍ଭାବନା ରହିଛି

### ଯାଜପୁରରେ..

ସ୍ଥାନୀୟ ଅଞ୍ଚଳରେ ପରିଷ୍କାର ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଶିକ୍ଷା, ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି ।

ଯାଜପୁର ଜିଲାରେ ଝାଡ଼ାବାନ୍ତି ଆତଙ୍କକୁ ନେଇ ଜିଲାରେ ଛୁଟି ବାତିଲ କରିଯାଇଛି । ସମସ୍ତ ସରକାରୀ ଅଧିକାରୀ ଓ କର୍ମଋରୀଙ୍କ ଛୁଟି ବାତିଲ କରାଯାଇଛି । ୧୪ ତାରିଖ ରୁ ୧୬ ତାରିଖ ଯାଏଁ ଛୁଟି ବାତିଲ ହୋଇଛି ।ସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଦିଆଯାଇଥିବା ଛୁଟି ମଧ୍ୟ ବାତିଲ ହୋଇଛି ସମସ୍ତ ସରକାରୀ ଅଫିସ ଖୋଲା ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

ଯାଜପୁରରେ ସୋମବାର ରାତିରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଅଣାୟତ୍ତ ହେବାରେ ଲାଗିଛି । ଝାଡ଼ାବାନ୍ତିରେ ଆଉ ୨ଜଣଙ୍କ ମୃତ୍ୟୁ ସହ ମୋଟ ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଛି । ଆକ୍ରାନ୍ତଙ୍କ ସଂଖ୍ୟା ୬୦୦ ଟପିଯାଇଥିବା ବେଳେ ଦାନଗଦି ଓ ଧର୍ମଶାଳାରେ ସ୍ଥିତି ଉଦ୍ବେଗଜନକ ରହିଛି । ଆକ୍ରାନ୍ତଙ୍କ ମଧ୍ୟରୁ ୨୫୦ରୁ ଊର୍ଦ୍ଧ୍ୱ ରୋଗୀ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସୂଚନା ମିଳିଛି ।

ଅନ୍ୟପକ୍ଷେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍ ଯାଜପୁର ଜିଲା ଗସ୍ତକରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ଜିଲାରେ ବ୍ୟାପୁଥିବା ଡାଏରିଆରର କାରଣ ଖୋଜିବା ପାଇଁ ଏକ ବିଶେଷଜ୍ଞ ଦଳ ପଠାଯାଇଛି । ଏଥିରେ ଆଇଡିଏସପିର ଇଭେଷ୍ଟ୍ ଡାଇରେକ୍ଟର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କର୍ମକର୍ତ୍ତା ଓ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଛନ୍ତି । ଏହି ଟିମ୍ ଯାଜପୁର ଜିଲାର ବିଭିନ୍ନ ଗ୍ରାମ ପରିଦର୍ଶନ କରି ସେଠାକାର ସ୍ୱାସ୍ଥ୍ୟ ସୁବିଧା ବିଷୟରେ ପଋରି ବୁଝିଛନ୍ତି ।

ଜିଲାର ଯେଉଁ ଲୋକମାନେ ଚିକିତ୍ସାଳୟରେ ପହଞ୍ଚି ପାରୁନାହାନ୍ତି । ସେମାନଙ୍କ ନିକଟକୁ ମୋବାଇଲ୍ ହେଲପ ୟୁନିଟ୍କୁ ପଠାଯିବାର ବ୍ୟବସ୍ଥା କରାଯାଇଛି । ଅଧିକ ମାତ୍ରାରେ ରୋଗୀ ଚିହ୍ନଟ ହେଲେ ଜିଲା ବାହାରୁ ଟିମ୍ ନିୟୋଜିତ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ ପ୍ରକାଶ କରିଛନ୍ତି ।

ପ୍ରତ୍ୟେକ ପଞ୍ଚାୟତର ଜଳଉତ୍ସଗୁଡିକୁ ପ୍ରତିସଂକ୍ରମଣ କରାଯିବ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କୋରେଇ, ବ୍ୟାସନଗର ଓ ଧର୍ମଶାଳା ଅଞ୍ଚଳରୁ ଅଧିକାଂଶ ରୋଗୀ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ବେଳେ ଯାଜପୁର ଅଞ୍ଚଳର କିଛି ଆକ୍ରାନ୍ତ ରୋଗୀ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

### ଶ୍ରେଷ୍ଠ..

ସୁଧ ଫେରସ୍ତ କରାଇ ସେମାନଙ୍କର ଆର୍ଥିକ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛୁ । ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ମାଧ୍ୟମରେ ଆମେ ମହିଳା ଓ ପିଲାମାନଙ୍କ ସୁସ୍ଥ ଭବିଷ୍ୟତ ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରୁଛୁ ମହିଳା ସଶକ୍ତିକରଣ ଆମ ପାଇଁ ଏକ ସ୍ଲୋଗାନ ନୁହେଁ ଚଳିତ ବର୍ଷ ବଜେଟରେ କେବଳ ମହିଳାଙ୍କ ପାଇଁ ୮୯ ହଜାର ୮୬୧ କୋଟି ଟଙ୍କାର ପ୍ରାବଧାନ ମହିଳାଙ୍କ ପାଇଁ ଆମର ପ୍ରତିବଦ୍ଧତା ମହିଳା ସଶକ୍ତିକରଣରେ ଓଡିଶା ଦେଶର ଏକ ମଡେଲ ରାଜ୍ୟ ଭାବରେ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ପ୍ରେରଣା ହେବ ।

ନିଜ ବକ୍ତବ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନାରୀ ଶକ୍ତିର ଅମୃତ ଚେତନାରେ ଉଦ୍ଦୀପିତ ହୋଇ ଏକ ବିକଶିତ, ସମୃଦ୍ଧ ଏବଂ ଗର୍ବିତ ଓଡ଼ିଶା ଗଢ଼ିବା ପାଇଁ ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ଯେ, ଆଜିର ଏହି ଉତ୍ସବ କେବଳ ସମ୍ମାନର ନୁହେଁ, ବରଂ ଓଡ଼ିଶାକୁ ଏକ ସମାନତା, ସମୃଦ୍ଧି ଓ ପ୍ରଗତିର ରାଜ୍ୟ ଭାବେ ଗଠନ କରିବାର ସଂକଳ୍ପ ଉତ୍ସବ । ମୁଁ ଆପଣ ସମସ୍ତଙ୍କୁ କଥା ଦେଉଛି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସୁଭଦ୍ରା ସହାୟତା ଓ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟଶୈଳୀକୁ ଆହୁରି ତ୍ୱରାନ୍ୱିତ କରି ଆଗାମୀ ବର୍ଷରେ ଆମେ ପ୍ରତି ପରିବାରର ଜଣେ ଲକ୍ଷପତି ଦିଦି ଓ ପ୍ରତି ପଞ୍ଚାୟତରେ ଜଣେ କରୋଡ଼ ପତି ଦିଦି ସୃଷ୍ଟି କରିବୁ ।

ଏହି ଅବସରରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପୋଷଣ ଅଭିଯାନରେ ତୃଣମୂଳ ସ୍ତରରୁ ରାଜ୍ୟସ୍ତରର ବିଭିନ୍ନ ଲିଖିତ ଓ ଫଟୋ ଚିତ୍ର ସମ୍ବଳିତ ଏକ କଫି ଟେବୁଲ ବୁକ ମୁଖ୍ୟମନ୍ତ୍ରୀ ଓ ସମସ୍ତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏଥିସହିତ ମହିଳା ସଶକ୍ତିକରଣ ବିଭାଗ ଦ୍ୱାରା ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳା ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡମ୍ବା ବିଧାୟକ ବିଜୟ ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ମଂଋସୀନ ଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀ ଧନ୍ୟବାଦ ଦେଇଥିଲେ ।

### ବେସାମରିକ...

ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ଜାନୁଆରୀ ପହିଲାରୁ ଲାଗୁହେବ ।ସୂଚନାଯୋଗ୍ୟ, ଗୃହରକ୍ଷୀମାନେ ସେମାନଙ୍କ ଦୈନିକ ଭତ୍ତା ୯୦୦ ଟଙ୍କା ଲେଖା କରିବା ପାଇଁ ଦାବି କରିଥିଲେ । ଏହାକୁ ନେଇ ଗୃହରକ୍ଷୀମାନଙ୍କ ମାମଲା କୋର୍ଟରେ ମଧ୍ୟ ପହଞ୍ଚିଥିଲା । କୋର୍ଟ ମଧ୍ୟ ଏହାକୁ ବୃଦ୍ଧି କରିବା ଲାଗି ଗତ ସରକାର ସମୟରେ ନିର୍ଦ୍ଦେଶ ଦେଇଥିଲା ।

